### ବିଜେପିର ଚାଷୀ ମାରଣ ନୀତିକୁ ବିରୋଧ

# ଆଜି ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ନିମାପଡ଼ା,୧୬।୨(ସମିସ)




ବିଜେପି ସରକାରର ଚାଷୀ ମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ପ୍ରତିଶ୍ରୁତି ଖିଲାପି ବିରୋଧରେ ବିଜୁ ଜନତା ଦଳ ପକ୍ଷରୁ ନିମାପଡ଼ାରେ ମଙ୍ଗଳବାର ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ନିମାପଡ଼ା ବିଜେଡି ପକ୍ଷରୁ ସୂଚନା ମିଳିଛି। ଗତ ନିର୍ବାଚନ ସମୟରେ ବିଜେପି ନିରୀହ ଜନତାଙ୍କୁ ଭୁଆଁ ବୁଲାଇ ଅସଂଖ୍ୟ ମିଥ୍ୟା ପ୍ରଲୋଭନ ଦେଇଥିଲା। ନିର୍ବାଚନ ପରେ ସାଧାରଣ ଜନତା ବିଜେପି ସରକାରର ଅସଲ ରୂପ ଜାଣିପାରିଛନ୍ତି। ବିକାଶ ନାମରେ ଏଠାରେ କର୍ମୀପୋଷା ନୀତି ଚାଲିଛି। ବିଜେଡି ଏହାକୁ କେବେ ବି ବରଦାସ୍ତ କରିବ ନାହିଁ ବୋଲି ବିଜେଡି ନେତା ସୁବ୍ରତ ଛାଟୋଇ କହିଛନ୍ତି। ବିଜେପି ସରକାର ଚାଷୀମାନଙ୍କୁ ଧୋକା ଦେଇଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ସରକାରର ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଛି। ଏହାକୁ ବିରୋଧ କରି ନିମାପଡ଼ା ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ହଜାର ହଜାର ସଂଖ୍ୟକ ଚାଷୀ ଏବଂ ସାଧାରଣ ଜନତା ପୂର୍ବାହ୍ଣ ୧୦ଟାରୁ ନୂଆ ବସ୍‌ଷ୍ଟାଣ୍ଡଠାରୁ ବିଶାଳ ଶୋଭାଯାତ୍ରାରେ ବାହାରି ଜୟଶ୍ରୀ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ଦୋଳବେଦୀ ଛକ ଦେଇ ବଡ଼ବଜାର ଅତିକ୍ରମ କରି ତହସିଲ୍ ଅଫିସ ନିକଟରେ ପହଞ୍ଚିବେ। ସେଠାରେ ସରକାରଙ୍କ ଉଦ୍ଦେଶ୍ୟରେ ତହସିଲ୍‌ଦାରଙ୍କୁ ଦାବିପତ୍ର ପ୍ରଦାନ କରିବା ପରେ ଟାଉନ୍ ହଲ୍‌ଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ସୁବ୍ରତଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି ସଭାରେ ପ୍ରାୟ୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ, ବିଜେଡି କାର୍ଯ୍ୟକର୍ତ୍ତା, କର୍ମୀ ଏବଂ ଜିଲ୍ଲା ଓ ରାଜ୍ୟ ନେତୃମଣ୍ଡଳୀର ବରିଷ୍ଠ ନେତୃତ୍ୱମାନେ ଯୋଗଦେବାକୁ ସ୍ଥିର କରାଯାଇଛି ବୋଲି ସୁବ୍ରତ ଛାଟୋଇ ଜଣାଇଛନ୍ତି।

## ମା' ବଗଳାମୁଖୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



**ଯୋଗଦେଲେ ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀ**

ପିପିଲି,୧୬।୨(ସମିସ): ପୁରୀ ଜିଲ୍ଲା ଅନ୍ତର୍ଗତ ଦାଣ୍ଡମୁକୁନ୍ଦପୁର ଗ୍ରାମରେ ସୋମବାରଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ସମଗ୍ର ଅଞ୍ଚଳରେ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି। ଯଜ୍ଞର ପ୍ରଥମ ଦିନର ମୁଖ୍ୟ ଆକର୍ଷଣ ଥିଲା ପବିତ୍ର ଜଳ ଶୋଭାଯାତ୍ରା। ପ୍ରାୟ ୨ହଜାର ମହିଳା କଳସ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ପୂର୍ବାହ୍ଣ ୧୧ଟାରେ ଗୋପାଳଜୀଉ ବଡ଼ ପୋଖରୀରୁ ପବିତ୍ର ଜଳ ସଂଗ୍ରହ କରାଯାଇଥିଲା। ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହଜାର ହଜାର ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ବେଦମନ୍ତ୍ର ଓ ହରିନାମ ସଙ୍କୀର୍ତ୍ତନ ମଧ୍ୟରେ ଜଳ କଳସ ଆଣି ଯଜ୍ଞ ବେଦୀ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀ ମଧ୍ୟ ଯଜ୍ଞସ୍ଥଳରେ ପହଞ୍ଚି ମା'ଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ। ସେ ଯଜ୍ଞ ବେଦୀ ପରିଦର୍ଶନ କରିବା ସହ ଆୟୋଜକ ଓ ପୁରୋହିତଙ୍କ ସହ ଆଲୋଚନା କରି ରାଜ୍ୟର ଶାନ୍ତି, ସମୃଦ୍ଧି ଓ ଲୋକଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ସମଗ୍ର ଦାଣ୍ଡମୁକୁନ୍ଦପୁର ଓ ଆଖପାଖ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

### ■ ମନ୍ଦିର, ଠାକୁରାଣୀ ଓ ପୂଜାର୍ଚ୍ଚନାକୁ ନେଇ ବିବାଦ

## ଦୁଇ ଗୋଷ୍ଠୀ ସଂଘର୍ଷ; ୧୧ ଆହତ

ସାକ୍ଷୀଗୋପାଳ,୧୬।୨(ସମିସ): ସତ୍ୟବାଦୀ ଥାନା ମୂଳ ଅଳସା ପଞ୍ଚାୟତର ତେନ୍ତୁଳିଆ ଓ ବଗୁଲାପାରି ଗ୍ରାମ ମଧ୍ୟରେ ମା' ନାରାୟଣୀ ଠାକୁରାଣୀଙ୍କ ମନ୍ଦିର ଓ ପୂଜାର୍ଚ୍ଚନା ନିମନ୍ତେ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଛି। ଏ ନେଇ ସୋମବାର ଆଲୋଚନା ହେବାକୁ ଥିବାବେଳେ କୌଣସି କାରଣକୁ ନେଇ ତାହା ହୋଇପାରି ନ ଥିଲା। ଅନ୍ୟପକ୍ଷରେ ମନ୍ଦିରରେ ଦର୍ଶନ କରିବାକୁ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଗଣ୍ଡଗୋଳ ହୋଇ ୧୧ ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସତ୍ୟବାଦୀ ଥାନାରେ ହୋଇଥିବା ଅଭିଯୋଗରୁ ଜଣାପଡ଼ିଛି, ସୋମବାର ସନ୍ଧ୍ୟା ତେନ୍ତୁଳିଆ ଗ୍ରାମର ମହିଳାମାନେ ମା' ନାରାୟଣୀ ମନ୍ଦିରକୁ ସନ୍ଧ୍ୟାବତୀ ଦେବା ନିମନ୍ତେ ଯାଇଥିଲେ। ବଗୁଲାପାରି ଗ୍ରାମବାସୀ ଏହାର ବିରୋଧ କରିଥିଲେ। ତେନ୍ତୁଳିଆ ଗ୍ରାମର ସିଲୁନା ସାହୁ (୨୮)ଙ୍କୁ ବଗୁଲାପାରି ଗ୍ରାମବାସୀ ନେଇ ଯାଇଥିଲେ। ଏହି ସମୟରେ ଟେକା ଓ କାଠ ଫାଳିଆ ମାଡ଼ରେ ତେନ୍ତୁଳିଆ ଗ୍ରାମର ଅପର୍ତ୍ତୀ ବେହେରା (୪୦), ଚଞ୍ଚଳା ବେହେରା (୫୦), ବିକ୍ରମ ପରିଡ଼ା (୩୯), ସୀତା ପ୍ରଧାନ (୬୫), କାଞ୍ଚିକାବେରୀ ସାହୁ (୩୬), ସୁଦର୍ଶନ ବେହେରା (୫୫), କାର୍ତ୍ତିକ ଭଟ୍ଟ (୨୮), ରୁଦ୍ର ପ୍ରସାଦ ଜେନା (୧୫), ସିଲୁନା ସାହୁ (୨୮), ପ୍ରମୋଦ ପରିଡ଼ା (୪୫), ଗଦାଧର ବେହେରା (୫୫) ପ୍ରମୁଖ ଗୁରୁତର ଆହତ ହୋଇଥିଲେ। ଆହତଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ୨ ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମା' ନାରାୟଣୀ ମନ୍ଦିର ବିବାଦ ଆଲୋଚନା ଓ ସମାଧାନ ନିମନ୍ତେ ସୋମବାର ଦିନ ଧାର୍ଯ୍ୟ ହୋଇଥିଲା। ମାତ୍ର କୌଣସି କାରଣରୁ ଏହି ଆଲୋଚନା ହୋଇପାରି ନ ଥିଲା। ସେହିପରି ବଗୁଲାପାରି ଗ୍ରାମର କିଛି ଗ୍ରାମବାସୀ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି।

### ● ଦୁଇ ପର୍ଯ୍ୟାୟରେ ହେବ ଜନଗଣନା

## ସମସ୍ତଙ୍କ ସହଯୋଗ ଲୋଡ଼ିଲା ଜିଲ୍ଲା ପ୍ରଶାସନ

ପୁରୀ,୧୬।୨(ସମିସ): ପ୍ରତି ୧୦ ବର୍ଷରେ ଜନଗଣନା ଅନୁଷ୍ଠିତ ହୋଇଥାଏ। କିନ୍ତୁ ୨୦୨୧ କରୋନା ପାଇଁ ଏହା ପ୍ରଭାବିତ ହୋଇ ବନ୍ଦ ରହିଥିଲା। ସରକାରଙ୍କ ନିର୍ଦ୍ଦେଶ କ୍ରମେ ୨୦୨୭ ମସିହାକୁ ଯୋଗ୍ୟତା ବର୍ଷ ଭାବେ ଧରାଯାଇ ତାହାର ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ। ମଙ୍ଗଳବାର ଜନଗଣନା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ଏହି ଜାତୀୟ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଜନଗଣନାର ଆବଶ୍ୟକତା, ନାଗରିକ ଓ ଗଣନାକାରୀଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିସ୍ତୃତ ସୂଚନା ଦେଇ ରାଜ୍ୟ ଜନଗଣନା କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ହାରାଧନ କର୍ମୀ ଅଧିକାରୀ ଓ କର୍ମଚାରୀମାନଙ୍କ ନିଯୁକ୍ତି, ଜନଗଣନା ସମ୍ପର୍କରେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସୂଚନା, ମାଷ୍ଟର ଟ୍ରେନର, ଫିଲ୍ଡ ଟ୍ରେନର ଏନୁମେରେଟର, ସୁପରଭାଇଜରମାନଙ୍କୁ ପ୍ରଶିକ୍ଷଣ, ଗୃହ ସର୍ଭେ, ଜୋନ୍ ଅନୁସାରେ ଗଣନାକାରୀଙ୍କୁ ଦାୟିତ୍ୱ ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପର୍ଯ୍ୟାୟରେ ଏହି ଗଣନା ହେବ। ୨୦୨୬ ଏପ୍ରିଲ୍ ୧୬ରୁ ମେ' ୧୫ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଓ ୨୦୨୭ ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ଚାଲିବ ବୋଲି ସେ କହିଥିଲେ। ଏଥି ସହ ସ୍ୱ-ଗଣନା ପୋର୍ଟାଲ ମାଧ୍ୟମରେ ନିଜେ ନିଜର ତଥ୍ୟ ପ୍ରଦାନ କରିବାର ସୁବିଧା ଗୃହ ଗଣନା ପୂର୍ବରୁ ଅର୍ଥାତ୍ ଆସନ୍ତା ଏପ୍ରିଲ ୧ରୁ ୧୫ ତାରିଖ ମଧ୍ୟରେ ଦାଖଲ କରିପାରିବେ। ସଠିକ୍ ଜନଗଣନା ବିଭିନ୍ନ ଆକଳନରୁ ଦ୍ୱନ୍ଦ୍ୱ ଦୂର କରି ଜନସଂଖ୍ୟାର ଏକ ନିର୍ଣ୍ଣାୟକ, ସରକାରୀ ଗଣନା ପାଇବା, ବୟସ, ଲିଙ୍ଗ, ଶିକ୍ଷା, ସାକ୍ଷରତା, ଧର୍ମ, ଭାଷା ଏବଂ ବୈବାହିକ ସ୍ଥିତି ସମେତ ଜନସଂଖ୍ୟା ଗଠନ ଉପରେ ତଥ୍ୟ ସଂଗ୍ରହ, ବିଶ୍ଳେଷଣ ଏବଂ ପ୍ରକାଶନ କରିବା ସମ୍ପର୍କରେ ଏହି ଗଣନା ସହାୟତା କରିଥାଏ।

ଶ୍ରମଶକ୍ତି, ନିଯୁକ୍ତି, ଗଠନ, ବୈଶିଷ୍ଟ୍ୟ ମାପ କରିବା, ଗୃହ ନିର୍ମାଣ ଅବସ୍ଥା, ସୁବିଧାର ଉପଲବ୍ଧତା ମୂଲ୍ୟାଙ୍କନ କରିବା। ସ୍କୁଲ, ହସ୍ପିଟାଲ ଏବଂ ପରିବହନ ଭଳି ସାମାଜିକ ଭିତ୍ତିଭୂମି ଚିହ୍ନଟ କରିବାରେ ସହାୟତା କରିବା ଏବଂ ନିର୍ବାଚନ ସୀମା ପୁନଃନିର୍ମାଣ କରିବା ପାଇଁ ତଥ୍ୟ ପ୍ରଦାନ କରିବା, ସରକାର, ଏନ୍‌ଜିଓ ଏବଂ ବ୍ୟାବସାୟିକ ସଂସ୍ଥାଗୁଡ଼ିକୁ ନୀତି ଏବଂ କାର୍ଯ୍ୟକ୍ରମ ଯୋଜନା, ତଦାରଖ ଏବଂ ମୂଲ୍ୟାଙ୍କନ କରିବାକୁ ସକ୍ଷମ କରିବା, ସମୟ ସହିତ ଜନସଂଖ୍ୟାରେ ପରିବର୍ତ୍ତନ, ଯେପରିକି ସହରୀକରଣ ଏବଂ ପ୍ରବାସ ଢାଞ୍ଚା ବିଶ୍ଳେଷଣ କରିବା ସମ୍ପର୍କରେ ସେ ଆଲୋଚନା କରିଥିଲେ। ବୈଠକରେ ଉପ ଜିଲ୍ଲାପାଳ ରାଜକିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜନଗଣନାର ସହକାରୀ ନିର୍ଦ୍ଦେଶକ ତଥା ନୋଡାଲ ଅଫିସର ଚନ୍ଦ୍ର ମୋହନ ମହାନ୍ତ, ପରିସଂଖ୍ୟାନ ଅନୁଧ୍ୟାନକାରୀ ବିଜୟ କୁମାର ସାହୁ, ଜିଲ୍ଲାର ସମସ୍ତ ତହସିଲ୍‌ଦାର ତଥା ଚାର୍ଜ ଅଫିସର, ଅତିରିକ୍ତ ତହସିଲ୍‌ଦାର ତଥା ଅତିରିକ୍ତ ଚାର୍ଜ ଅଫିସର, ସହକାରୀ ଜିଲ୍ଲାପାଳ ଦିବ୍ୟାଜ୍ୟୋତି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମହାରୁଦ୍ର ଚନ୍ଦ୍ରଶେଖରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ



ଚାରିଛକ,୧୬।୨(ସମିସ): ଚାରିଛକ ନିକଟସ୍ଥ ଚନ୍ଦ୍ରମଉଳିଠାରେ ବିରାଜିତ ପଶ୍ଚିମାଭିମୁଖୀ ବାବା ଚନ୍ଦ୍ରଶେଖରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ଶୁକ୍ରବାର ଅଙ୍କୁରାରୋପଣ ପରେ ଶନିବାର ନିକଟସ୍ଥ ପ୍ରାଚୀ ନଦୀରୁ କଳସିଆମାନେ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ମନ୍ଦିର ପୂଜକ ଯୋଗେନ୍ଦ୍ର ପାଢ଼ୀ, ପଣ୍ଡିତ କାଳନ୍ଦୀ ମିଶ୍ର ଓ ସାଥିମାନଙ୍କ ଦ୍ୱାରା ଯଥା ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ କରାଯାଇଥିଲା। କର୍ତ୍ତାଭାବେ ରବୀନ୍ଦ୍ର ପାଢ଼ୀ, ତନୁଲତା ପାଢ଼ୀ, ଭୀମସେନ ପାଢ଼ୀ, କନକଲତା ପାଢ଼ୀ ପ୍ରମୁଖ ପୂଜା କାର୍ଯ୍ୟରେ ଯୋଗଦେଇଥିଲେ। ରବିବାର ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ଚଣ୍ଡୀ ପାଠ, ଗୀତାହବନ, ସୋମବାର ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ, ଚଣ୍ଡୀହବନ, ସର୍ବ ଦେବଦେବୀ ଆହୁତି ଓ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏଥିରେ ପୂଜା କମିଟି ଓ ଗ୍ରାମର ସମସ୍ତ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିବାବେଳେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ବଚସାରୁ ଆକ୍ରମଣ; ଯୁବକ ଗୁରୁତର



କଣାସ,୧୬।୨(ସମିସ): କଣାସ ଥାନା ନିକଟରେ ରବିବାର ରାତିରେ ସଂଗ୍ରାମ ବଳିୟାରସିଂହ ନାମକ ଜଣେ ଯୁବକକୁ ପୂର୍ବ ବଚସାକୁ ନେଇ ଯୁବକ ଜଣକ କାଚରେ ଆକ୍ରମଣ କରିବାରୁ ସଂଗ୍ରାମଙ୍କ ବେକ ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସଂଗ୍ରାମଙ୍କୁ ଉକ୍ତ ଆକ୍ରମଣକାରୀ ଯୁବକ ମାରିଦେବା ପାଇଁ ଧମକ ଦେଇଥିବାରୁ ସଂଗ୍ରାମ ରବିବାର ବିଳମ୍ବିତ ରାତିରେ କଣାସ ଥାନାରେ ଜଣାଇବାକୁ ଆସିଥିବାବେଳେ ଥାନା ଗେଟ୍ ତାଲା ପଡ଼ିଥିବାରୁ ସଂଗ୍ରାମ ଫେରିଯିବା ସମୟରେ ଉକ୍ତ ଯୁବକ କାଚ ବୋତଲରେ ଆକ୍ରମଣ କରିଥିଲା। ସଂଗ୍ରାମ ଆକ୍ରମଣକାରୀ ଯୁବକଙ୍କ ନାମରେ ଏତଲା ଦେଇଛନ୍ତି। ଏତଲା ପାଇ କଣାସ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଆକ୍ରମଣକାରୀ ଯୁବକ ଫେରାର୍ ହୋଇଯାଇଥିବା ପୁଲିସ କହିଛି।

## ଫାଷ୍ଟ ଫୁଡ୍ ଖାଇ ୨୭ ଅସୁସ୍ଥ

ସାକ୍ଷୀଗୋପାଳ,୧୬।୨(ସମିସ): ସତ୍ୟବାଦୀ ବ୍ଲକ୍ ସାରଙ୍ଗଯୋଡ଼ି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଧ୍ୱଜାମୁଣ୍ଡାଇ ଗ୍ରାମରେ ଜାଗର ଯାତ୍ରା ଉପଲକ୍ଷେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗ୍ରାମର ଆରାଧ୍ୟ ଦେବ ବାବା ବାଲୁଙ୍କେଶ୍ୱରଙ୍କ ପ୍ରାଙ୍ଗଣରେ ବାର୍ଷିକ ଅଷ୍ଟପ୍ରହରୀ ଚାଲିଥିଲା। ମଲୁଖପାଟଣା, ଧ୍ୱଜାମୁଣ୍ଡାଇ, ଗୁଆବାଡ଼ି ହରିଜନ ସାହିର ୨୩ ଜଣ ପିଲା ଏବଂ ୪ ଜଣ ବୟସ୍କ ବ୍ୟକ୍ତି ଉକ୍ତ ସ୍ଥାନରେ ବିକ୍ରି ହେଉଥିବା ଫାଷ୍ଟ ଫୁଡ୍ ଓ ଚାଟ୍ ଖାଇ ଅସୁସ୍ଥ ହୋଇ ପଡ଼ିଥିଲେ। ଅସୁସ୍ଥମାନଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ସୁସ୍ଥ ଅଛନ୍ତି। ଖବରପାଇ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ଅସୁସ୍ଥଙ୍କ ମଧ୍ୟରେ ପ୍ରୀତମ୍ ବେହେରା, ପ୍ରିୟାଂସୁ ବେହେରା, ରାହୁଲ ବେହେରା, ବ୍ରଜବନ୍ଧୁ ଭୋଇ ପ୍ରମୁଖଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

## ଭଗବତୀଙ୍କ ପୀଠରେ ଗୁରୁ ପୂଜନ ଓ ବନ୍ଧୁ ମିଳନ



କଣାସ,୧୬।୨(ସମିସ): କଣାସ ବ୍ଲକ୍‌ର ପ୍ରସିଦ୍ଧ ଶକ୍ତିପୀଠ ବ୍ରହ୍ମପଡ଼ା ଭଗବତୀ ମନ୍ଦିର ପରିସରରେ ୧୯୯୬ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁ ପୂଜନ ଓ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଅରୁଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାଇକମରା ଆଞ୍ଚଳିକ କିଷାନ ଉଚ୍ଚ ବିଦ୍ୟାଳୟ, ସାହସପୁର ଗତିଶ୍ୱର ବିଦ୍ୟାପୀଠ, ପାଇକମରା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଫୁଲ, ଚନ୍ଦନ, ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଶିକ୍ଷକ ଭାସ୍କର ପ୍ରଧାନ, ଜଗନ୍ନାଥ ମହାରଣା, ହରେକୃଷ୍ଣ ନାୟକ, କେଦାରେଶ୍ୱର ସ୍ୱାଇଁ, ଅଶ୍ୱିନୀ ସାମନ୍ତରାୟ, ନିରଞ୍ଜନ ସାହୁ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ସାମାଜିକ ଦିଗରେ ଅନେକ ଉପଦେଶ ଦେଇଥିଲେ। ବାହନ ପରିଡ଼ା, ଷ୍ଟେଟ୍ ବ୍ୟାଙ୍କ ମ୍ୟାନେଜର ଜିତେନ୍ଦ୍ର ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଦିବଂଗତ ସାମ୍ବାଦିକଙ୍କ ସ୍ମୃତିଚାରଣ

## 'କୋଣାର୍କର ସ୍ୱର ଥିଲେ ତ୍ରିବିକ୍ରମ'

କୋଣାର୍କ,୧୬।୨(ସମିସ)



ଦୀର୍ଘ ଚାରି ଦଶନ୍ଧି ଧରି ଅର୍କକ୍ଷେତ୍ର କୋଣାର୍କର ସର୍ବାଙ୍ଗୀଣ ଉନ୍ନତି ପରିକଳ୍ପେ ସ୍ୱର ଉତ୍ତୋଳନ କରିଆସୁଥିଲେ ଦିବଂଗତ ସାମ୍ବାଦିକ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର। ସେ ଏକାଧାରରେ ଜଣେ ଛାତ୍ରନେତା, ସମାଜସେବୀ, ସାମ୍ବାଦିକ ଓ ସଂସ୍କୃତି ସଂଗଠକ ଭାବରେ କୋଣାର୍କର ମୌଳିକ ସମସ୍ୟାର ସମାଧାନ ନିମନ୍ତେ ସଂଗ୍ରାମରତ ଥିଲେ। କୋଣାର୍କ ନାଟ୍ୟମଣ୍ଡପ, କୋଣାର୍କ ସାହିତ୍ୟ ସଂସଦ, ବସନ୍ତ ମଞ୍ଜରୀ ପାଠାଗାର, ଜୟଦେବ ଜୟନ୍ତୀ ଉତ୍ସବ କମିଟି, କାଳୀ ମନ୍ଦିର ପରିଚାଳନା କମିଟି ସମେତ ବହୁ ସାମାଜିକ ଓ ସାଂସ୍କୃତିକ ସଂଗଠନର କର୍ମକର୍ତ୍ତା ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ସମାଜର ତୃଣମୂଳସ୍ତରରେ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରଶାସନ ତଥା ସରକାରଙ୍କ ନିକଟରେ ଉପସ୍ଥାପିତ କରି ନ୍ୟାୟ ପ୍ରଦାନ ଦାବିରେ ସ୍ୱର୍ଗୀୟ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ସଂଗ୍ରାମ ଜାରି ରଖିଥିଲେ ବୋଲି ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ସୋମବାର କୋଣାର୍କ ନିକଟ ଚମ୍ପାହାରଠାରେ ଦିବଂଗତ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତିଙ୍କ ପୌରୋହିତ୍ୟରେ ଆୟୋଜିତ 'ଅମ୍ଳାନ ଆତ୍ମାର ସ୍ମରଣେ' କାର୍ଯ୍ୟକ୍ରମରେ ଅତିଥିରୂପେ ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଗୋଟିପୁଅ ଗୁରୁ ଜୟକୃଷ୍ଣ ନାୟକ, ଆଇନଜୀବୀ ପ୍ରତାପ ଚନ୍ଦ୍ର ମହାନ୍ତି, ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା, ରେଡିଓ ନମସ୍କାର ଅଧ୍ୟକ୍ଷ ଏନ୍.ଏ. ଶାହ ଅନ୍‌ସାରୀ, ଶିକ୍ଷାବିତ୍ ସର୍ବେଶ୍ୱର ରଥ, କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, ସଂସ୍କୃତି ସଂଗଠକ ଗୁରୁପଦ ବଳିୟାରସିଂହ, କାଳୀ ମନ୍ଦିର କମିଟି ସଭାପତି ଦୁଃଶାସନ ନାୟକ ଓ କାଉନ୍‌ସିଲର ନିହାର ରଞ୍ଜନ ବେଉରା ପ୍ରମୁଖ ଯୋଗଦେଇ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ବହୁବିଧ ଅମ୍ଳାନ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରିୟଦର୍ଶିନୀ ମହାପାତ୍ର, ଡ. ସୌମ୍ୟରଞ୍ଜନ ପଣ୍ଡା, ନିମାପଡ଼ା ପ୍ରେସ୍‌କ୍ଲବ ସଭାପତି ଅକ୍ଷୟ ବେହେରା, କୋଣାର୍କ ପ୍ରେସ୍ କ୍ଲବ୍ ସଭାପତି ଧନଞ୍ଜୟ ବେହେରା, ସାମ୍ବାଦିକ ସଞ୍ଜୟ ପତି, ସାମ୍ବାଦିକ ବିଶ୍ୱଜିତ୍ ପଟ୍ଟନାୟକ, ସମାଜସେବୀ ରାମକୃଷ୍ଣ ମହାନ୍ତି, ସାମ୍ବାଦିକ ଦୁର୍ଗାପ୍ରସାଦ ମହାପାତ୍ର, ସାମ୍ବାଦିକ ପ୍ରତାପ କାଣ୍ଡି, ସମାଜସେବୀ ଗନ୍ଧର୍ବ ବେଉରା, ସାମ୍ବାଦିକ ନଳିନୀକାନ୍ତ ମହାଁ, ସବିତା ରଥ ଓ ବିରଞ୍ଚି ନାରାୟଣ ରଥଙ୍କ ସମେତ ଶତାଧିକ ବ୍ୟକ୍ତି ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଦିବଂଗତ ତ୍ରିବିକ୍ରମଙ୍କ ଜୀବନୀ ଉପରେ ଆଧାରିତ 'ଅମ୍ଳାନ ଆତ୍ମାର ସ୍ମରଣେ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ମା' ଉତ୍ତରେଶ୍ୱରୀଙ୍କ ପୀଠରେ ଗୁରୁ ପୂଜନ ଓ ବନ୍ଧୁ ମିଳନ



ପିପିଲି,୧୬।୨(ସମିସ): ସ୍ଥାନୀୟ ମଙ୍ଗଳପୁର ନିକଟସ୍ଥ ମା' ଉତ୍ତରେଶ୍ୱରୀଙ୍କ ପବିତ୍ର ପୀଠରେ ପଦ୍ମାବତୀ ଉଚ୍ଚ ବିଦ୍ୟାପୀଠର ୨୦୧୩-୧୪ ବ୍ୟାଚ୍‌ର ପିଲାମାନଙ୍କୁ ନେଇ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୮୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବଳ ମାଣିଆ, ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣ ଚନ୍ଦ୍ର ସାହୁ, ଚରଣ ନାୟକ, ପ୍ରକାଶ ବସ୍ତିଆ, ପ୍ରଧାନଶିକ୍ଷକ ପରୀକ୍ଷିତ ବରାଳ, ଶିକ୍ଷୟିତ୍ରୀ ପବିତ୍ରା କୁମାରୀ ମିଶ୍ର ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବା ସହିତ ଗୁରୁପୂଜନ କରାଯାଇଥିଲା। ଛାତ୍ରଛାତ୍ରୀ ପରିଚୟ ପ୍ରଦାନ ପରେ ଅତିଥିମାନେ ତାଙ୍କ ଉଦ୍‌ବୋଧନରେ ସମସ୍ତେ ସମାଜରେ ଜଣେ ଜଣେ ଭଲ ମଣିଷ ହୋଇ ଦେଶମାତୃକାର ସେବା କରିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ନିମନ୍ତେ କହିଥିଲେ। ଛାତ୍ରଛାତ୍ରୀମାନେ ସେମାନଙ୍କର ବିଗତ ଦିନର ବିଦ୍ୟାଳୟର ଅଭୁଲା ସ୍ମୃତିକୁ ମନେପକାଇଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଛାତ୍ର ପ୍ରତୀକ ବିଶ୍ୱାଳ, ତନ୍ମୟ ସାହୁ, ବିକାଶ ସ୍ୱାଇଁ, ଶ୍ରୀତମ୍ ପ୍ରଧାନ, ପ୍ରମୋଦ ନାୟକ, ଗୌତମ ସାହୁ ଓ ଭାଗ୍ୟଶ୍ରୀ ପାହାଡ଼ସିଂ ପରିଚାଳନା କରିବା ସହ ଉପସ୍ଥିତ ଥିବା ସମସ୍ତେ ସହଯୋଗ କରିଥିଲେ। ଏଭଳି କାର୍ଯ୍ୟକ୍ରମ ପୂର୍ବତନ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସମସ୍ତଙ୍କ ମଧ୍ୟରେ ଭାଇଚାରାର ସମ୍ପର୍କ ବୃଦ୍ଧି ପାଇବ ବୋଲି ଆଶା ପ୍ରକଟ ହୋଇଥିଲା।

## ଦୁଇ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ଚାରିଛକ,୧୬।୨(ସମିସ): ଚାରିଛକ ନିକଟସ୍ଥ ସାଇଲୋସ୍ଥିତ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସାଇଲୋ ଓ ସରକାରୀ ସାଇଲୋ ନୋଡାଲ ଉ.ପ୍ରା ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଶକୁନ୍ତଳା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ନିମାପଡ଼ା ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ମୁଖ୍ୟବକ୍ତା ଭାବେ ସିଆର୍‌ସିସି ସୁଶାନ୍ତ ମୁଦୁଲି, ସମ୍ମାନିତ ଅତିଥି ଭାବେ ରାଜକିଶୋର ସେନାପତି, ବାବାଜୀ ଚରଣ ବସ୍ତିଆ, ଲକ୍ଷ୍ମୀପ୍ରିୟା ଦାସ, ପରିଚାଳନା କମିଟି ସଭାପତି ନରେନ୍ଦ୍ର ଖୁଣ୍ଟିଆ, ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ବଳିୟାରସିଂ, ଶିକ୍ଷୟିତ୍ରୀ ପ୍ରଭାତୀ ମହାପାତ୍ର, ଶିକ୍ଷକ ଭବାନୀ ଶଙ୍କର ବେହେରା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ବଳିୟାରସିଂ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଶିକ୍ଷକ ଅଦ୍ୱୈତ କୁମାର ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିବ ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରସିଦ୍ଧ ହରିହର ଭେଟ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଚାରିଛକ,୧୬।୨(ସମିସ): ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଭାଣପୁର ଓ ସାନହୁଲି ସଭାମଣ୍ଡପଠାରେ ଚତୁର୍ଦ୍ଦଶୀ ଦିନ ବିଳମ୍ବିତ ରାତିରେ କାହିଁ କେତେ କାଳରୁ ପ୍ରସିଦ୍ଧ ହରିହର ଭେଟ ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ଦୋଳ ପୂର୍ଣ୍ଣିମା ଦିନ ଚନ୍ଦ୍ରଗ୍ରହଣ ଲାଗୁଥିବାରୁ କିପରି ଚତୁର୍ଦ୍ଦଶୀ ସନ୍ଧ୍ୟାରେ ଶାନ୍ତି ଶୃଙ୍ଖଳାର ସହିତ ଏହି ଉତ୍ସବ ଅନୁଷ୍ଠିତ ହେବ ସେ ନେଇ ବାରଗାଦି ମେଳନ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସଭାମଣ୍ଡପର ରତ୍ନବଟଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କମିଟିର ସମ୍ପାଦକ ଲକ୍ଷ୍ମୀଧର ବେହେରା ସଭାପତିତ୍ୱ କରିଥିଲେ। ଏହି ବର୍ଷର ପାଞ୍ଜି ଅନୁଯାୟୀ, ହରିହର ଭେଟ ଅନୁଷ୍ଠିତ ହେଉଥିବା ବ୍ରାହ୍ମମୁହୂର୍ତ୍ତରେ ଗ୍ରହଣ ଯୋଗ ବା ହାଣ୍ଡି ଛାଡ଼ ରାତି ୩ଟା ୨୦ରେ ପଡୁଥିବାରୁ ସେହି ସମୟ ପୂର୍ବରୁ ଶ୍ରୀଜୀଉମାନେ ସ୍ୱମନ୍ଦିରକୁ ପ୍ରବେଶ କିପରି କରିପାରିବେ ସେହି ପ୍ରସଙ୍ଗରେ ଚାରି ଠାକୁରଙ୍କ ବାଡ଼ଗ୍ରାହୀମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଏହି ନିଷ୍କର୍ଷରେ କମିଟି ଉପନୀତ ହୋଇଥିଲା ଯେ, ଠାକୁରମାନେ ସନ୍ଧ୍ୟା ୬ରୁ ୮ଟା ମଧ୍ୟରେ ଭେଟ ପଡ଼ିଆଠାରେ ପହଞ୍ଚି ରାତି ୧୦ଟା ମଧ୍ୟରେ ମେଳନ କାର୍ଯ୍ୟ ସମାପନ କରି ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଏଥିରେ ସମସ୍ତ ବାଡ଼ଗ୍ରାହିଙ୍କ ସହିତ ଅନୁଷ୍ଠାନର କର୍ମକର୍ତ୍ତା ସଭାପତି ସନ୍ତୋଷ କୁମାର ତ୍ରିପାଠୀ, ବ୍ରଜବନ୍ଧୁ କର(ଏ), କୈଳାଶ ଚନ୍ଦ୍ର କର, ବ୍ରଜବନ୍ଧୁ କର(ବି), ଚକ୍ରଧର ପାଣି, ସନ୍ତୋଷ ମହାପାତ୍ର, ହରେକୃଷ୍ଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାୟଚକ୍ରଧରପୁରରେ ଜାଗର ଯାତ୍ରା

ସାକ୍ଷୀଗୋପାଳ,୧୬।୨(ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ରାୟଚକ୍ରଧରପୁର ଗ୍ରାମର ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ଜାଗର ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆଖପାଖ ଅଞ୍ଚଳରୁ ଜାଗର ଜାଳିବାକୁ ଆସିଥିବା ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ରାତି ୩ଟା ୩୦ରେ ମହାଦୀପ ଉଠିଲା ପରେ ଶ୍ରଦ୍ଧାଳୁମାନେ ବ୍ରତ ଭଙ୍ଗ କରି ପ୍ରସାଦସେବନ କରିଥିଲେ। ସ୍ଥାନୀୟ ବଁପାଳ ଗ୍ରାମର ଶ୍ରୀନୀଳକଣ୍ଠେଶ୍ୱର ଦେବ ସେବାୟତ ସଂଘର କର୍ମକର୍ତ୍ତାମାନଙ୍କର ଉଦ୍ୟମ କ୍ରମେ ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ଭଜନ ସମାରୋହ, ଗୋଟିପୁଅ ନୃତ୍ୟ, ଓଡ଼ିଶୀ ଓ ରାମଲୀଳା ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ଜୟକୃଷ୍ଣ ମହାପାତ୍ର, ସମ୍ପାଦକ ସତ୍ୟନାରାୟଣ ମହାପାତ୍ର, ସଂଘର ସମସ୍ତ କର୍ମକର୍ତ୍ତା ତଥା ବଁପାଳ ଗ୍ରାମର ସମସ୍ତ ଅଧିବାସୀ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ।

# ଶ୍ରୀକ୍ଷେତ୍ର ସିଟି

୧୬/୨/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୩୩,୭୧୮/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୧୦.୮୦୦ ଗ୍ରାମ୍





# ପୁରୀରେ ବୁଲା କୁକୁରଙ୍କ ଉତ୍ପାତ

ପୁରୀ,୧୬।୨(ସମିସ): ପୁରୀ ସହରରେ ବୁଲା କୁକୁରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରତି ସାହି, ଗଳିକନ୍ଦିରେ ଏମାନେ ଉତ୍ପାତ କରୁଛନ୍ତି। କୁକୁରଙ୍କ ପାଇଁ ପ୍ରାୟ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସହରର ବୁଲା କୁକୁରଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯୋଜନା ଥିଲେ ବି ତାହା ସଫଳ ହେଉନାହିଁ। ଆନିମଲ ବାର୍ଥ କଣ୍ଟ୍ରୋଲ (ଏବିସି) କାର୍ଯ୍ୟକ୍ରମ କେବଳ ନାଁକୁ ମାତ୍ର ଚାଲିଛି।



## ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ବାଟବଣା

ଏବିସି ଜରିଆରେ କୁକୁର ବନ୍ଧ୍ୟାକରଣ ଯୋଜନା ଏତେଟା ଫଳପ୍ରଦ ହେଉନି। ସହରରେ କୁକୁରଙ୍କ ସଂଖ୍ୟା ଯଥେଷ୍ଟ ବଢ଼ିଛି। ଫଳରେ ପ୍ରତି ଗଳିକନ୍ଦିରେ ବୁଲା କୁକୁର ସମସ୍ୟା ଦେଖାଦେଇଛି। କିଛିବର୍ଷ ପୂର୍ବରୁ ପୁରୀରେ ଜଣେ ଶିଶୁକୁ ଝୁଣି ଜୀବନ ନେଇଥିଲେ ବୁଲା କୁକୁର। ଏହାସତ୍ତ୍ୱେ ଏମାନଙ୍କ ସଂଖ୍ୟା ନିୟନ୍ତ୍ରଣରେ ଯେଉଁଭଳି ପଦକ୍ଷେପ ନିଆଯିବା କଥା ନିଆଯାଉ ନାହିଁ। ବର୍ତ୍ତମାନର ପୁରୀ ପୌରାଞ୍ଚଳର ୩୨ ୱାର୍ଡରେ କୁକୁରଙ୍କ ସଂଖ୍ୟା ୯ ହଜାର ୫୦୦ ଛୁଇଁଲାଣି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବୁଲା କୁକୁରଙ୍କ ବନ୍ଧ୍ୟାକରଣ କରୁଥିବା ଅନୁଷ୍ଠାନ ବିଭିନ୍ନ ଖର୍ଚ୍ଚକୁ ହିସାବ କଲେ ଏହା ପୁରୀ ପୌରସଂସ୍ଥାର ଭିତ୍ତିଭୂମି ଓ ବ୍ୟୟ ଅଟକଳକୁ ସୁହାଉ ନ ଥିବାରୁ କୌଣସି ସଂସ୍ଥା ମଧ୍ୟ ଆଗ୍ରହ ପ୍ରକାଶ କରୁନାହାନ୍ତି।

୨୦୧୬ ଡିସେମ୍ବର ମାସରେ ପୁରୀ କୁମୁଟିପାଟଣା ଜଗନ୍ନାଥ କଲୋନୀରେ ଘଟିଥିଲା ଦୁଃଖଦ ଘଟଣା। ବାରଣ୍ଡାରେ ଖେଳୁଥିବା ୪ ବର୍ଷର ଶିଶୁ କାହ୍ନାଙ୍କୁ ବୁଲା କୁକୁର ଦଳ ଘେରି ଝୁଣି ପକାଇଥିଲେ। ଏଥିରେ ଶିଶୁଟିର ଜୀବନ ଯାଇଥିବା ଘଟଣା ରାଜ୍ୟବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏହି ଘଟଣା ପରେ ବୁଲା କୁକୁରଙ୍କୁ ନେଇ ପୁରୀ ବାସିନ୍ଦା ବେଶ୍ ଚିନ୍ତାରେ ପଡ଼ିଯାଇଥିଲେ। ଯେଉଁ ସମସ୍ୟା ଏବେ ବି ବଳବତ୍ତର ରହିଛି। କିଛିବର୍ଷ ମଧ୍ୟରେ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ପୁରୀ ସହରକୁ ପ୍ରତିଦିନ ଦେଶ ବିଦେଶର ଭକ୍ତ, ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀ ଆସୁଛନ୍ତି। ବେଳାଭୂମି ହେଉ କି ବଡ଼ଦାଣ୍ଡ ଅବା ସହରର ଗଳିକନ୍ଦି ସବୁଆଡ଼େ ବୁଲା କୁକୁରଙ୍କ ସଂଖ୍ୟା ବଢ଼ିଯାଇଛି। ତେଣୁ ଅନେକ ସମୟରେ ସ୍ଥାନୀୟ ବାସିନ୍ଦା, ତୀର୍ଥଯାତ୍ରୀ, ପର୍ଯ୍ୟଟକ ବୁଲା କୁକୁରଙ୍କ ଶିକାର ହେଉଛନ୍ତି। ବଡ଼ଦାଣ୍ଡରେ ବିଭିନ୍ନ ସମୟରେ ଦୁର୍ଘଟଣାର କାରଣ ପାଲଟୁଛନ୍ତି କୁକୁର। ଅଧିକ ସଂଖ୍ୟକ ଯୋଗୁଁ ଖାଦ୍ୟ ପାଇଁ ଏମାନେ ମଣିଷଙ୍କୁ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ବିଗତ ଦିନରେ ଏମିତି ନଜିର ରହିଛି।

କିଛିବର୍ଷ ପୂର୍ବେ ହୋଇଥିବା ସର୍ଭେରେ ପୂରା ପୌରାଞ୍ଚଳରେ ପ୍ରାୟ ୬,୫୦୦ ବୁଲା କୁକୁର ଥିବା ଏକ ଆନୁମାନିକ ସର୍ଭେ ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୯,୫୦୦ରୁ ଅଧିକ ଥାଇପାରେ ବୋଲି ଆକଳନ କରାଯାଇଛି। ୨୦୨୦ରେ ୨୧୪୪ଟି ବୁଲା କୁକୁରଙ୍କ ବନ୍ଧ୍ୟାକରଣ ହୋଇଥିଲା। ଏହାପରେ ଏହି କାର୍ଯ୍ୟକ୍ରମ ଏକପ୍ରକାର ବାଟବଣା ହୋଇଯାଇଛି। ଅନ୍ୟପକ୍ଷରେ ବୁଲା କୁକୁରଙ୍କ ଉତ୍ପାତ ବଢୁଥିବାରୁ ବିଦ୍ୟାର୍ଥୀମାନଙ୍କୁ କୁକୁର କାମୁଡ଼ାରୁ ସୁରକ୍ଷା ନିମନ୍ତେ ପ୍ରତି ସରକାରୀ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ସମେତ ଅନ୍ୟାନ୍ୟ ଶିକ୍ଷା ପ୍ରତିଷ୍ଠାନକୁ ପଦକ୍ଷେପ ନେବା ପାଇଁ ନୋଟିସ୍ ଜାରି ହୋଇଛି। ଯେପରି ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ପରିସରରେ ବୁଲା କୁକୁର ପଶି ନ ପାରନ୍ତି ସେଥିନିମନ୍ତେ ସୁରକ୍ଷା ପାଚେରି ଓ ପ୍ରବେଶ ଫାଟକଗୁଡ଼ିକ ଅତି କମ୍‌ରେ ୬ ଫୁଟ୍ ଉଚ୍ଚା କରିବାକୁ କୁହାଯାଇଛି। ପ୍ରବେଶ ଫାଟକ ଭିତରେ କିମ୍ବା ତଳେ ଯେପରି କୁକୁର ପଶି ଭିତରକୁ ଯାଇ ନ ପାରିବେ ସେଥିନିମନ୍ତେ ପଦକ୍ଷେପ ନେବାକୁ ସତର୍କ କରାଯାଇଛି। ପୁରୀ ପୌରସଂସ୍ଥାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ନୋଡାଲ ଅଫିସର ନିଯୁକ୍ତ ହୋଇଥିବାରୁ ସେ ୧୨୦ଟି ଶିକ୍ଷାନୁଷ୍ଠାନକୁ ଚିଠି ଲେଖି ସରକାରୀ ମାର୍ଗଦର୍ଶିକା ମୁତାବକ ଏହାକୁ କାର୍ଯ୍ୟକ୍ଷମ କରିବାକୁ ନୋଟିସ୍ ଜାରି କରିଛନ୍ତି। ୨୦୦୦ ମସିହାରେ ଏବିସି ପ୍ରୋଗ୍ରାମ ଜରିଆରେ ପରୀକ୍ଷାମୂଳକ ଭାବେ ହାତଗଣତି କିଛି କୁକୁରଙ୍କ ବନ୍ଧ୍ୟାକରଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୌରସଂସ୍ଥା ତତ୍ତ୍ୱାବଧାନରେ ଜିଲ୍ଲା ପ୍ରାଣୀ ଚିକିତ୍ସାଳୟରେ ଏହି ବନ୍ଧ୍ୟାକରଣ କରାଯାଉଛି। ହେଲେ ପୁରୀ ସହରରେ ଏବେ କୁକୁର ବନ୍ଧ୍ୟାକରଣ ଏକପ୍ରକାର ଠପ୍ ହୋଇଯାଇଛି।

## ବୋର୍‌ୱେଲ୍‌ରେ ପଡ଼ି ଶିଶୁକନ୍ୟା ମୃତ ଘଟଣା

# ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବି

ପୁରୀ,୧୬।୨(ସମିସ): ଗତ ୧୩ ତାରିଖରେ ପୁରୀ ଜିଲ୍ଲା ସଦର ଚିକିତ୍ସାଳୟ ପରିସରରେ ଏକ ଦୁଃଖଦ ଘଟଣା ଘଟିଥିଲା। ହସ୍ପିଟାଲର ନୂଆ କୋଠା ପାଇଁ ଖୋଳାଯାଇଥିବା ବୋର୍‌ୱେଲ୍ ଗାତରେ ପଡ଼ିଯିବାରୁ ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଥିଲା। ନରେନ୍ଦ୍ରକୋଣ ମଙ୍ଗଳା ସାହିର ଅଜୟ ନାୟକଙ୍କ ଦେଢ଼ ବର୍ଷର ଝିଅର ଏହି ଦୁଃଖଦ ମୃତ୍ୟୁକୁ ନେଇ ପରିବାର ଏବଂ ଆତ୍ମୀୟଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବାବେଳେ ଏଥିପାଇଁ ପ୍ରଶାସନର ଉଦାସୀନତାକୁ ସମସ୍ତେ ଦାୟୀ କରିଥିଲେ। ତେବେ ଏହି ଘଟଣାକୁ ନେଇ ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛି ସଚେତନ ନାଗରିକ ମଞ୍ଚ। ସୋମବାର ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶ ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି।

ଶ୍ରୀ ଦାଶ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଶିଶୁକନ୍ୟା ଜଣକ ତାଙ୍କ ମାମୁ

## ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲା ସଚେତନ ନାଗରିକ ମଞ୍ଚ

ଘର ରାୟବାହାଦୁର ଲେନ୍‌କୁ ବୁଲିବାକୁ ଆସିଥିଲେ। ମଧ୍ୟାହ୍ନ ସମୟରେ ମାମୁ ଘରେ ଖେଳୁଥିଲେ। ସେହି ଘର କଡ଼କୁ ଲାଗି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟର ନୂଆ କୋଠା ପାଇଁ ବୋର୍‌ୱେଲ୍ ଖୋଳାଯାଇଥିଲା। ଘର ଭିତରେ ଖେଳୁଥିବା କୁନି ଝିଅଟି ପରିବାର ସଦସ୍ୟଙ୍କ ଅଜାଣତରେ କେତେବେଳେ ଘର ବାହାରକୁ ଚାଲିଆସି ବୋର୍‌ୱେଲ୍‌ରେ ପଡ଼ିଯାଇଥିଲା। ଫଳରେ କୁନି ଝିଅଟିର ମୃତ୍ୟୁ ଘଟିଥିଲା।

ଏଥିପାଇଁ ନିର୍ମାଣାଧୀନ ସଂସ୍ଥା ଏବଂ ପ୍ରଶାସନକୁ ଦାୟୀ କରାଯାଇଛି। ଠିକାଦାର ବୋର୍‌ୱେଲ୍ ଚାରିପାଖରେ ସୁରକ୍ଷା ବାଡ଼ କରି ନ ଥିବାରୁ ଏଭଳି ଅଘଟଣ ଘଟିଲା। ଏଥିପାଇଁ ଠିକାଦାରଙ୍କୁ ଶ୍ରୀ ଦାଶ ଦାୟୀ କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି କରିଛନ୍ତି। ସେହିପରି ମୃତକଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଚିବ, ପୁରୀ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ସମସ୍ତ ଘଟଣାର ତଦନ୍ତ କରିବାକୁ ଶ୍ରୀ ଦାଶ ଅନୁରୋଧ କରିଛନ୍ତି।




# ବଦ୍ରି ମିଶ୍ରଙ୍କୁ 'ଏକାମ୍ରଶ୍ରୀ' ସମ୍ମାନ

ପୁରୀ,୧୬।୨(ସମିସ): ଠାକୁରଙ୍କ ଭଜନ ଜଣାଣ ମାଧ୍ୟମରେ ଓଡ଼ିଶାରେ ଆଧ୍ୟାତ୍ମିକ ଜନଜାଗରଣ ପାଇଁ ରାଜ୍ୟ ପୁରସ୍କାରପ୍ରାପ୍ତ ବରିଷ୍ଠ ଗୀତିକାର ବଦ୍ରି ମିଶ୍ରଙ୍କୁ ଏକାମ୍ର ସାଂସ୍କୃତିକ ମହୋତ୍ସବରେ 'ଏକାମ୍ରଶ୍ରୀ' ସମ୍ମାନ ପ୍ରଦାନ କରାଯାଇଛି। ମହାଶିବରାତ୍ରୀ ଉପଲକ୍ଷେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଭଜନ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ଶ୍ରୀ ମିଶ୍ରଙ୍କୁ ଏହି ସମ୍ମାନ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଶିଷ୍ଟ କଣ୍ଠଶିଳ୍ପୀ ନିତିନ୍ ମୁକେଶ୍, ଅନୁଷ୍ଠାନର ସଭାପତି ସୁରେଶ ରାଉତରାୟ, ଉପସଭାପତି ବାବୁ ସିଂ, ସମୀର ମହାନ୍ତି, ମେୟର ସୁଲୋଚନା ଦାସ, ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ଓ ପ୍ରତାପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବହୁମୁଖୀ ପ୍ରତିଭାର ଅଧିକାରୀ ଶ୍ରୀ ମିଶ୍ରଙ୍କର ଆକାଶବାଣୀ, ଦୂରଦର୍ଶନ ସମେତ ଓଡ଼ିଶାର ବିଭିନ୍ନ ଗଣମାଧ୍ୟମରେ ଓଡ଼ିଆ, ହିନ୍ଦୀ ଓ ବଙ୍ଗଳା ଭଜନ ପ୍ରସାରିତ ହୋଇଛି।

# ଶ୍ରୀମନ୍ଦିରରୁ ମହିଳା ପକେଟ୍‌ମାର ଗିରଫ

ପୁରୀ,୧୬।୨(ସମିସ): ଶ୍ରୀମନ୍ଦିରରୁ ଜଣେ ମହିଳା ପକେଟ୍‌ମାରଙ୍କୁ ଗିରଫ କରିଛି ସିଂହଦ୍ୱାର ଥାନା ପୁଲିସ। ଅଭିଯୁକ୍ତ ହେଉଛନ୍ତି ଗୁଜରାଟର ଗଙ୍ଗା ବଣ୍ଟି ଗୋସାଇ (୪୦)। ସୂଚନା ଅନୁଯାୟୀ, ରବିବାର ମଧ୍ୟପ୍ରଦେଶର ଭରତ କୁମାର ଚୌବେ (୫୭) ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଭିତରକାଠରେ ଦର୍ଶନ କରୁଥିବାବେଳେ ଭିଡ଼ର ସୁଯୋଗ ନେଇ ଅଭିଯୁକ୍ତ ଗଙ୍ଗା ତାଙ୍କ ପ୍ୟାଣ୍ଟ ପକେଟରୁ ମନିପର୍ସ ଲୁଟ୍ କରି ଦୌଡ଼ି ପଳାଉଥିଲେ। ଡ୍ୟୁଟିରେ ଥିବା ପୁଲିସ କର୍ମଚାରୀ ତାଙ୍କୁ ମାଡ଼ି ବସିଥିଲେ। ତାଙ୍କଠାରୁ କଳା ରଙ୍ଗର ମନିପର୍ସ ଜବତ କରାଯାଇଥିଲା। ସେଥିରେ ୨୪ ହଜାର ଟଙ୍କା, ଭରତଙ୍କ ଆଧାରକାର୍ଡ ରହିଥିଲା। ଏ ନେଇ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ପୁଲିସ।

## ଶ୍ରୀମନ୍ଦିର ନିକଟରେ ଅଘଟଣ

# ଶ୍ରୀଦାଣ୍ଡରେ ଜଳିଗଲା ଟ୍ରାନ୍ସଫର୍ମର

ପୁରୀ,୧୬।୨(ସମିସ): ଶ୍ରୀମନ୍ଦିର ନିକଟରେ ଘଟିଛି ବଡ଼ ଧରଣର ଅଗ୍ନିକାଣ୍ଡ। ବଡ଼ଦେଉଳ ସଂଲଗ୍ନ ଶ୍ରୀଦାଣ୍ଡସ୍ଥିତ ଏକ ଟ୍ରାନ୍ସଫର୍ମରରେ ନିଆଁ ଲାଗିବାରୁ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ରବିବାର ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ତେବେ ଖବର ପାଇବା ପରେ ଦୁଇଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ କରିଥିଲେ। ପ୍ରାୟ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଟ୍ରାନ୍ସଫର୍ମରରେ ନିଆଁ ଲାଗି ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ତେବେ ଏହି ଅଗ୍ନିକାଣ୍ଡ କିପରି ଘଟିଲା ତାହା ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ।

ଅନ୍ୟପକ୍ଷରେ ଟ୍ରାନ୍ସଫର୍ମରରେ ନିଆଁ ଲାଗିବାକୁ ନେଇ ସ୍ଥାନୀୟ ଲୋକେ ନାନା ପ୍ରକାର ଆଲୋଚନା କରୁଛନ୍ତି। ସବୁବେଳେ ଶ୍ରୀଦାଣ୍ଡ ଅନ୍ଧାରିଆ ରହୁଥିବାରୁ ଏହାର ସୁଯୋଗ ନେଇ କିଛି ନିଶାଖୋର ଯୁବକ ସିଗାରେଟ୍ କିମ୍ବା ବିଡ଼ି ଖାଇ ଫୋପାଡ଼ି ଦେଉଛନ୍ତି। ଟ୍ରାନ୍ସଫର୍ମର ମୂଳରେ ଅଳିଆରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ତେବେ ଟ୍ରାନ୍ସଫର୍ମରଟି ସମ୍ପୂର୍ଣ୍ଣ ଭାବେ ଜଳିପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ନିଆଁ କୌଣସି ତାରକୁ କବଳିତ କରିବା ପୂର୍ବରୁ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀମାନେ ଦୁଇଟି ଗାଡ଼ି ସହିତ ପହଞ୍ଚି ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଆଁକୁ ଆୟତ କରିଥିଲେ। ତେବେ କେହି କେହି ଶର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ମଧ୍ୟ କହୁଛନ୍ତି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜାଣିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ତଦନ୍ତ କରାଯାଉଥିବା ସୂଚନା ମିଳିଛି।

## ● କିନ୍ନର ହତ୍ୟା ଘଟଣା

# ଅଭିଯୁକ୍ତ କ୍ରିଷ୍ଟା କାଣ୍ଡି କୋର୍ଟଚାଲାଣ

ପୁରୀ,୧୬।୨(ସମିସ): ବହୁଚର୍ଚ୍ଚିତ କିନ୍ନର ଅଞ୍ଜଳିଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ କୁଖ୍ୟାତ ଚେନ୍ ସ୍ନାଚର କ୍ରିଷ୍ଟା କାଣ୍ଡିକୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଘଟିଥିବା ଏହି ହତ୍ୟାକାଣ୍ଡର ୧୨ଦିନ ପରେ ଗତ ବୁଧବାର ପିପିଲିରେ କ୍ରିଷ୍ଟାକୁ ଏନ୍‌କାଉଣ୍ଟର କରିଥିଲା ପୁଲିସ। କ୍ରିଷ୍ଟାକୁ ଧରିବାକୁ ଯାଇଥିବା ବେଳେ ପ୍ରଥମେ ସେ ପୁଲିସ ଉପରକୁ ଗୁଳି ଚଳାଇଥିଲା। ପରେ ପୁଲିସର ପାଲଟା ଗୁଳିରେ ଆହତ ହୋଇଥିଲା କ୍ରିଷ୍ଟା। ବାମ ଗୋଡ଼ରେ ଗୁଳି ବାଜିଥିବାବେଳେ ତାକୁ ଚିକିତ୍ସା ପାଇଁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ତାକୁ କୋର୍ଟ ଚାଲାଣ କରିଛି ପୁଲିସ। ସୂଚନାଥାଉ କି, ଗତ ୧ ତାରିଖ ରାତିରେ ପୁରୀ-ଭୁବନେଶ୍ୱର ରାସ୍ତାର ଉତ୍ତରା ଛକ ନିକଟରେ କିନ୍ନର ଅଞ୍ଜଳିଙ୍କୁ ହତ୍ୟା କରାଯାଇଥିଲା। ମୃତ କିନ୍ନର ସାଲେପୁରର ବୋଲି ଜଣାପଡ଼ିଥିଲା।

## ଜୟ ବିଜୟ ଦ୍ୱାରରେ ବାନ୍ତି

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୧୬।୨(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଜୟ ବିଜୟ ଦ୍ୱାରରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ରବିବାର ସକାଳ ୬ଟା ୧୫ରେ ଦ୍ୱାର ଫିଟିଥିଲା। ଭିତର ଶୋଧ ପରେ ୭ଟା ୧୫ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ଅପରାହ୍ଣ ୩ଟା ୪୫ରେ ମଧ୍ୟାହ୍ନ ଧୂପ ସରିଥିଲା। ୪ଟାରେ ଦ୍ୱିତୀୟ ଭୋଗମଣ୍ଡପ ଉଠି ନକ୍ଷତ୍ର ବନ୍ଦାପନା ହୋଇଥିଲା। ତେବେ ମଧ୍ୟାହ୍ନ ଧୂପ ପରେ ଭିତରକାଠ ଦର୍ଶନ ଚାଲିଥିଲା। ଭକ୍ତମାନେ ଭିତରକାଠକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରୁଥିଲେ। ଏହି ସମୟରେ ଜୟ ବିଜୟ ଦ୍ୱାର ଭିତର ପଟେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ସନ୍ଧ୍ୟା ୭ଟା ୧୦ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୭ଟା ୧୫ରେ ମହାସ୍ନାନ ବଢ଼ିବା ପରେ ଯେଉଁଠାରେ ନୀତି ଅଟକାଯାଇଥିଲା ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ଏହି ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତି ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟ ନୀତିକାନ୍ତିକୁ ମଧ୍ୟ ପ୍ରଭାବିତ କରିଥିଲା।

# ପୁଲଓ୍ୱାମା ସହିଦଙ୍କ ଉଦ୍ଦେଶ୍ୟରେ ଶୈବପୀଠରେ ଜଳଲାଗି

ପୁରୀ,୧୬।୨(ସମିସ): ଦେଶ ପ୍ରୀତି ଓ ଦେଶ ଭକ୍ତି ହେଉଛି ଆଗ। ଦେଶ ପାଇଁ ବଳିଦାନ ଦେଇଥିବା ବ୍ୟକ୍ତି ସର୍ବଦା ପୂଜନୀୟ। ଏହି କଥାକୁ ବୁଝିପାରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ବିହାରର ଏନ୍.କେ. ରାଜା। ପୁଲଓ୍ୱାମାରେ ଆତଙ୍କବାଦୀ ଆକ୍ରମଣ ଯୋଗୁଁ ସହିଦ



ଯବାନଙ୍କ ଉଦ୍ଦେଶ୍ୟରେ କାନ୍ଧରେ ଗଙ୍ଗାଜଳ ଭାର ରଖି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଯାତ୍ରା କରୁଛନ୍ତି। କାନ୍ଧରେ ପାଣି ଭାର (୧୬ କଳସ ଗଙ୍ଗାଜଳ) ବୋହି ଶୈବପୀଠରେ ସେ ଲାଗି କରୁଛନ୍ତି। ବୀର ସୈନିକଙ୍କ ଆତ୍ମାର ସଦ୍‌ଗତି କାମନା ଉଦ୍ଦେଶ୍ୟରେ ଏନ୍.କେ ରାଜା ବିହାରରୁ ବାହାରି ୧୨ ଜ୍ୟୋତିର୍ଲିଙ୍ଗ ସମେତ ଅମରନାଥ ଓ ପଶୁପତିନାଥ ଯିବାକୁ ଲକ୍ଷ୍ୟ ରଖିଛନ୍ତି। ବାବା ବୈଦ୍ୟନାଥଙ୍କ ଲିଙ୍ଗରେ ଜଳଲାଗି ପରେ ସେ ସୋମବାର ପୁରୀରେ ପହଞ୍ଚିଛନ୍ତି। ଏଠାରେ ଦୁଇଦିନ ରହଣି କରିବେ। ମହାପ୍ରଭୁଙ୍କୁ ଦର୍ଶନ କରି ଆନ୍ଧ୍ରପ୍ରଦେଶ ମଲ୍ଲିକାର୍ଜୁନଙ୍କ ପୀଠକୁ ବାହାରିବେ। ଦେଶର ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ତାଙ୍କର ଏହି ଶ୍ରଦ୍ଧା ଓ ଭଲପାଇବାକୁ ଲୋକେ ପ୍ରଶଂସା କରିବା ସହ ସହଯୋଗ ଯୋଗାଇ ଦେଉଛନ୍ତି। ବାଟରେ ରହିବା ଓ ଖାଇବା ପିଇବାର ବ୍ୟବସ୍ଥାରେ ସହଯୋଗ କରୁଥିବା କହିଛନ୍ତି ଏନ୍.କେ. ରାଜା।

ସେହିପରି ଗୋମାତା ଉଦ୍ଦେଶ୍ୟରେ ଉତ୍ତରପ୍ରଦେଶରୁ ସାଇକଲ ଯାତ୍ରା ଆରମ୍ଭ କରିଛନ୍ତି ସମର ବାବା (ଗୋବିନ୍ଦ)। 'ଗୋମାତାଙ୍କୁ ରାଷ୍ଟ୍ରମାତା' ଭାବେ ଘୋଷଣା କରିବା ଦାବିରେ ସେ ଗତ ଡିସେମ୍ବର ୨ରେ ସାଇକଲରେ ଉତ୍ତରପ୍ରଦେଶରୁ ବାହାରି ସୋମବାର ପୁରୀରେ ପହଞ୍ଚିଛନ୍ତି। ଗୋମାତାଙ୍କୁ ରାଷ୍ଟ୍ରମାତା ଦାବି ନେଇ ବାହାରିଥିବା ଗୋବିନ୍ଦ ଏଯାବତ୍ ୧୨ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରୁ କାଶୀ ବିଶ୍ୱନାଥ, ମହାକାଳେଶ୍ୱର, ଭୀଷ୍ମେଶ୍ୱର, ଓଁକାରେଶ୍ୱର ଯାତ୍ରା କରିସାରିଛନ୍ତି। ଏହାପରେ ସେ ମଧ୍ୟ ଆନ୍ଧ୍ରପ୍ରଦେଶର ମଲ୍ଲିକାର୍ଜୁନ ଏବଂ ରାମେଶ୍ୱରମ୍ ଯାତ୍ରା କରିବେ। ପରେ ଅମରନାଥ ଓ ନେପାଳର ପଶୁପତି ନାଥଙ୍କ କ୍ଷେତ୍ରକୁ ମଧ୍ୟ ସାଇକେଲରେ ଯାତ୍ରା କରିବେ ବୋଲି କହିଛନ୍ତି।

# ଖଡ଼ିପଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ପୁରୀ,୧୬।୨(ସମିସ): ପୁରୀ ସଦର ବ୍ଲକ୍ ଖଡ଼ିପଦା ଗ୍ରାମର ଖଡ଼ିପଦା ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଯାଜ୍ଞେଶ୍ୱରୀ ମଧ୍ୟ ଇଂରାଜୀ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର ନାଚଗୀତ ସହ ଖେଳକୁଦ କଲେ ଶରୀର ସୁସ୍ଥ ରହିବା ସହ ପାଠ ମନେ ରହିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଖଡ଼ିପଦା ଗ୍ରାମର ସଭାପତି ତଥା ଶିକ୍ଷାବିତ୍ ଦେବେନ୍ଦ୍ର ମହାନ୍ତି, ପ୍ରାକ୍ତନ ସିଆର୍‌ସିସି ମନୋଜ ମହାନ୍ତି, ରାମହରି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ ରସା ସୁଷମା ସାହୁ, ସିଆର୍‌ସିସି ମନସ୍ୱିନୀ ମିଶ୍ର, ଗୋଲାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର, ସଭାପତି ଅଶୋକ ରାଉତ, ଯୋଗ ନ୍ୟାସ୍‌ନାଲ ପ୍ଲେୟାର ଦେବସ୍ମିତା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଗ୍ରାମର ମୁରବି ବନମାଳି ପରିଡ଼ା ସଭାପତିତ୍ୱ କରିଥିଲେ। ପିଲାମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। କିଶୋର କୁମାର ମହାନ୍ତି ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବାବେଳେ ଶିକ୍ଷୟିତ୍ରୀ ରାଜଶ୍ରୀ ପ୍ରଧାନ, ଶିଳ୍ପାସ୍ୱତା ସାହୁ, ଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କୁନି କୁନି ପିଲା ଚିତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଭାର୍ଗବୀ ନଦୀରେ ବୃଦ୍ଧଙ୍କ ମୃତ୍ୟୁ

ବଳଙ୍ଗା,୧୬।୨(ସମିସ): ସୋମବାର ବଳଙ୍ଗା ଥାନା ଅନ୍ତର୍ଗତ ଭାର୍ଗବୀ ନଦୀର ସରସ୍ୱତୀପୁର ପଞ୍ଚାୟତ ଅଧୀନ ବନମାଳୀପୁରଠାରେ ଜଣେ ବୃଦ୍ଧଙ୍କ ମୃତଦେହକୁ ଉଦ୍ଧାର କରିଛି ବଳଙ୍ଗା ପୁଲିସ। ମୃତକ ଜଣକ ହେଲେ ବନମାଳୀପୁର ଗ୍ରାମର ଶ୍ୟାମ ସୁନ୍ଦର ଜେନା (୬୫)। ସୂଚନା ମୁତାବକ, ଶ୍ୟାମସୁନ୍ଦର ସବୁଦିନ ପରି ଭୋର୍ ସମୟରେ ନଦୀକୁ ଶୌଚ ହେବାକୁ ଆସିଥିଲେ। ଗ୍ରାମର କେତେକ ବ୍ୟକ୍ତି ଶୌଚ ହେବାକୁ ନଦୀକୁ ଆସିଥିଲାବେଳେ କୂଳରେ ଶ୍ୟାମସୁନ୍ଦରଙ୍କ ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ସହ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ୫୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ତଦନ୍ତ ଜାରି ରଖିଛି। ପାଣିରେ ପଡ଼ି ଶ୍ୟାମସୁନ୍ଦରଙ୍କ ମୃତ୍ୟୁ ହୋଇଥିବା ନେଇ ଅନୁମାନ କରାଯାଉଥିଲା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି।

# ଏପ୍ରିଲ୍ ୧୨ରେ ବ୍ରାହ୍ମଣ ବାଳକଙ୍କ ସମୂହ ବ୍ରତୋପନୟନ

ପୁରୀ,୧୬।୨(ସମିସ): ଉତ୍କଳ ବିଦ୍ୱତ୍ ପରିଷଦ ଏବଂ ଆପଣଙ୍କ ସେବାରେ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଆସନ୍ତା ଏପ୍ରିଲ ୧୨ ତାରିଖରେ ଶ୍ରୀଗୁଣ୍ଡିଚା ଭକ୍ତ ନିବାସ ପରିସରରେ ସମୂହ ବ୍ରତୋପନୟନ କରାଯିବ। ଯେଉଁମାନେ ଯଜ୍ଞୋପବିତ ଧାରଣ କରିବାକୁ ସମର୍ଥ ହେଉ ନ ଥିବେ ସେମାନଙ୍କ ବ୍ରତୋପନୟନ କରିବା ପାଇଁ ଭକ୍ତ ନିବାସରେ ଦୁଇ ଅନୁଷ୍ଠାନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଯୋଗାଇ ଦିଆଯିବ। କୌଣସି କାରଣବଶତଃ ବ୍ରତ ହୋଇପାରି ନ ଥିବା ବ୍ରାହ୍ମଣ ବାଳକଙ୍କ ସମ୍ପର୍କରେ ଯଦି କାହା ପାଖରେ ସୂଚନା ଥାଏ ତେବେ ୮୯୧୭୪୭୪୪୦୩ ନମ୍ବରରେ ଯୋଗାଯୋଗ କରିପାରିବେ ବୋଲି ପରିଷଦର ଅଧ୍ୟକ୍ଷ ମନୋଜ ରଥ ସୂଚନା ଦେଇଛନ୍ତି। ସେହିପରି ଯେଉଁମାନେ ଚାହିଁବେ ଆର୍ôଥକ ସହଯୋଗ କରି ମଧ୍ୟ ସମୂହ ବ୍ରତୋପନୟନରେ ସାମିଲ୍ ହୋଇପାରିବେ। ଏଥିପାଇଁ ପରିବାର ବର୍ଗ ଆବେଦନପତ୍ର ଜରିଆରେ ମାର୍ଚ୍ଚ ୧୨ ତାରିଖ ସୁଦ୍ଧା ଆବେଦନ କରିପାରିବେ ବୋଲି ଅଧ୍ୟକ୍ଷ ଶ୍ରୀ ରଥ ଜଣାଇଛନ୍ତି।

# ବାଲିକପିଳେଶ୍ୱର ଦେବଙ୍କ ପୀଠରେ ଜାଗର ଯାତ୍ରା

ପୁରୀ,୧୬।୨(ସମିସ): ନରେନ୍ଦ୍ରକୋଣସ୍ଥିତ ବାବା ବାଲିକପିଳେଶ୍ୱର ଦେବଙ୍କର ପବିତ୍ର ମହାଶିବରାତ୍ରୀ ଓ ଜାଗର ଯାତ୍ରା ମନ୍ଦିର ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବାଲିଆପାଳ ବାଲେଶ୍ୱର 'ନୃତ୍ୟଶ୍ରୀ କଳା ନିକେତନ' ପକ୍ଷରୁ ରାଜେନ୍ଦ୍ର କୁମାର ବିନ୍ଧାଣୀଙ୍କ ନିର୍ଦ୍ଦେଶନାରେ କଳାକାରମାନେ ସମ୍ବଲପୁରୀ ଲୋକନୃତ୍ୟ, ଲୋକବାଦ୍ୟ ଓ ଲୋକସଙ୍ଗୀତ ପରିବେଷଣ କରିଥିଲେ। ଏଥିସହିତ ଚୌଦ୍ୱାର କଟକରୁ ଆସିଥିବା 'ମାତୃଶକ୍ତି ନୃତ୍ୟ ଏକାଡେମୀ'ର ଶିଳ୍ପୀମାନେ ଗୁରୁ ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶନାରେ ନୃତ୍ୟ ରୂପକ 'ବାର ମାସରେ ତେର ପର୍ବ' ଏବଂ ନୃତ୍ୟ ବିଚିତ୍ରା ପରିବେଷଣ କରି ଉପସ୍ଥିତ କଳାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ନଗରପାଳ




ଗୌରହରି ପ୍ରଧାନ, ପୂର୍ବତନ କାଉନ୍‌ସିଲର ଭକ୍ତ ଚରଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଦୁଇ ସାଂସ୍କୃତିକ ଦଳକୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡର ପ୍ରତିଷ୍ଠାତା ସଦସ୍ୟ ରାଜେଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଟ୍ରଷ୍ଟର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବହୁ ଭକ୍ତଙ୍କ ଉପସ୍ଥିତିରେ ରାତି ୧ଟା ୪୦ରେ ହରିହର ଭେଟ ସହିତ ମହାଦୀପ ଉଠିଥିଲା।

## ପୁନଃ ମୂଲ୍ୟାୟନ ପାଇଁ ୮୦ ପ୍ରତିଶତ ଦିବ୍ୟାଙ୍ଗଙ୍କୁ ନୋଟିସ୍

# ସାବାଡ଼ ହେବେ ନକଲି ଦିବ୍ୟାଙ୍ଗ

ନୟାଗଡ଼,୧୬ ।୨(ସମିସ)

ରାଜ୍ୟ ସରକାର ୮୦ ପ୍ରତିଶତ ଦିବ୍ୟାଙ୍ଗଙ୍କୁ ୩୫ ଶହ ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି । ନୟାଗଡ଼ ଜିଲ୍ଲାରେ ଶହ ଶହ ସଂଖ୍ୟାରେ ନକଲି ଦିବ୍ୟାଙ୍ଗ ପ୍ରମାଣପତ୍ର ହାତେଇ ଏହି ସୁବିଧା ପାଉଛନ୍ତି । ଯାହାକୁ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବିଭିନ୍ନ ବ୍ଲକରୁ ସନ୍ଦେହଜନକ ହିତାଧିକାରୀଙ୍କୁ ନୋଟିସ କରାଯାଇଛି । ସେମାନଙ୍କ ଦିବ୍ୟାଙ୍ଗ ପ୍ରମାଣପତ୍ରକୁ ଜନସେବା କେନ୍ଦ୍ରରେ ୟୁଡିଆଇଡି ପୋର୍ଟାଲରେ ସରେଣ୍ଡରେ କରିବାକୁ କୁହାଯାଇଛି । ଏହା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିବ୍ୟାଙ୍ଗ ପ୍ରମାଣପତ୍ର କରୁଥିବା ବିଭାଗକୁ ଯାଇ ପୁନଃ ମୂଲ୍ୟାୟନ କରିବାକୁ କୁହାଯାଇଛି । ଏହି ନିର୍ଦ୍ଦେଶକୁ ପାଳନ ନ କଲେ ଭତ୍ତା ବନ୍ଦ କରି ଦିଆଯିବ ବୋଲି ସାମାଜିକ ସୁରକ୍ଷା ବିଭାଗ ନୋଟିସ କରିଛି । ନୂତନ ପ୍ରମାଣପତ୍ର ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ବ୍ଲକ ସାମାଜିକ ସୁରକ୍ଷା ବିଭାଗରେ ଦାଖଲ କରିବାକୁ କୁହାଯାଇଛି । ଏହି ନୋଟିସ ପାଇବା ପରେ ନକଲି ଦିବ୍ୟାଙ୍ଗଙ୍କ ମଧ୍ୟରେ ଛନକା ପଶିଥିବା ବେଳେ ଅସଲି ଦ୍ୱନ୍ଦ୍ୱ ଓ ଆଶଙ୍କା ମଧ୍ୟରେ କାଳାତିପାତ କରୁଛନ୍ତି । ନୋଟିସ ପ୍ରଦାନ କରାଯାଇଥିବା ହିତାଧିକାରୀଙ୍କ ଭତ୍ତା ମଧ୍ୟ ବନ୍ଦ କରି ଦିଆଯାଇଛି ।

**● ଅସଲିଙ୍କ ପାଇଁ ଆଶା ଆଶଙ୍କା**
**● ଦ୍ୱନ୍ଦ୍ୱ ଓ ଦୋଛକିରେ ହିତାଧିକାରୀ**

ନୟାଗଡ଼ ଜିଲ୍ଲାରେ ମାଳ ମାଳ ନକଲି ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇ ସରକାରୀ ସୁବିଧା ହାତେଇ ଚାଲିଥିବା ବେଳେ ଅସଲି ଦିବ୍ୟାଙ୍ଗ ହିତାଧିକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ଜିଲ୍ଲାରେ ଏବେ ୧୯ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଭତ୍ତା ଆବେଦନ କରି ଅପେକ୍ଷା କରିଛନ୍ତି । ହଜାରେରୁ ଊର୍ଦ୍ଧ୍ୱ ୮୦ ବର୍ଷ ବୟସ୍କ ତଥା ୮୦ ପ୍ରତିଶତ ଦିବ୍ୟାଙ୍ଗ ୩୫ ଶହ ଟଙ୍କା ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି । ଜିଲ୍ଲାରେ ଅପ୍ରାପ୍ତ ବୟସ୍କ ବ୍ୟକ୍ତି ନିଜ ଆଧାର କାର୍ଡ ଓ ଭୋଟର ପରିଚୟପତ୍ର ସଂଶୋଧନ କରି ଭତ୍ତା ପାଉଛନ୍ତି । ରଣପୁର ବ୍ଲକରେ ଏଭଳି ଘଟଣା ଅନେକ ଦେଖାଯାଇଥିବା ବେଳେ ଭାପୁର ବ୍ଲକରେ ଦିବ୍ୟାଙ୍ଗ ଭତ୍ତା ପାଉଥିବା ହିତାଧିକାରୀଙ୍କ ମଧ୍ୟରୁ ଅନେକ ନକଲି ବୋଲି ଅଭିଯୋଗ ହେଉଛି । ଭତ୍ତା ଆବେଦନ କରୁଥିବା ହିତାଧିକାରୀଙ୍କ ସମ୍ପର୍କରେ ସଠିକ ତଦନ୍ତ ନ କରି ଭତ୍ତା ଅନୁମୋଦନ କରାଯାଉଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି । ଜିଲ୍ଲାର ସମସ୍ତ ଦିବ୍ୟାଙ୍ଗ ହିତାଧିକାରୀଙ୍କ ପ୍ରମାଣପତ୍ରକୁ ପୁନଃ ମୂଲ୍ୟାୟନ କରିବାକୁ ଦାବି ହେଉଛି ।

## ଡ୍ରାଇଭର ସଂଘ ପକ୍ଷରୁ ବିକ୍ଷୋଭ



ନୟାଗଡ଼,୧୬ ।୨(ସମିସ): ନୟାଗଡ଼ ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ଶୋଭାଯାତ୍ରା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଛି । ପିଟିଏସ୍ ଛକରେ ଡ୍ରାଇଭର ସଂଘ ଏକ ଘର ନିର୍ମାଣ କରୁଥିବା ବେଳେ ତାହାକୁ ଜବରଦଖଲ ଦର୍ଶାଇ ତହସିଲ ପକ୍ଷରୁ ଭାଙ୍ଗି ଦିଆଯାଇଥିଲା । ଡ୍ରାଇଭର ସଂଘକୁ ଜାଗା ଓ ଗୃହ ନିର୍ମାଣ ପାଇଁ ସହାୟତା ଯୋଗାଇ ଦେବାକୁ ସୋମବାର ନୟାଗଡ଼ ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ଶୋଭାଯାତ୍ରା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ବେଳେ ଜିଲ୍ଲା ପ୍ରଶାସନକୁ ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରାଯାଇଛି ।

## ନାଟ୍ୟ କମିଟି ପକ୍ଷରୁ ସମ୍ବର୍ଦ୍ଧନା

କଣ୍ଟିଲୋ,୧୬ ।୨(ସମିସ): କଣ୍ଟିଲୋ ମାଘମେଳାରେ ଅପେରା ଇନ୍ଦ୍ରଭୁବନ ନାଟ୍ୟ ମଞ୍ଚରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ଏଥିରେ ନୀଳମାଧବ ସାଂସ୍କୃତିକ ପରିଷଦ ପକ୍ଷରୁ ସଚେତନଧର୍ମୀ ନାଟକ 'ନଅଙ୍କ ଦୁର୍ଭିକ୍ଷ'ର ସଫଳତା ପାଇଁ ନାଟ୍ୟାନୁଷ୍ଠାନକୁ ପ୍ରଶଂସା କରିବା ସହ ନିଖୁଣ ଅଭିନୟ ଜରିଆରେ ଜନାଦୃତ ହୋଇଥିବା ନାଟକର କଳାକାର ବିନୋଦ, ବେବିନା ଯୋଡ଼ି ସମେତ ପରିଚାଳକ ମନୋଜ ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ସାଂସ୍କୃତିକ ଭାବଧାରା ବଜାୟ ରଖିଥିବା ବ୍ୟକ୍ତିତ୍ୱ ଦ୍ୱାରକା ଶତପଥୀ ଏବଂ ମାଘମେଳା ସୁପରିଚାଳନା ନିମନ୍ତେ ଖଣ୍ଡପଡ଼ା ଆଇଆଇସି ଓ କଣ୍ଟିଲୋ ଫାଣ୍ଡି ଅଧିକାରୀଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ ନାଟ୍ୟ କମିଟି ମୁଖ୍ୟ ପରିଚାଳକ ମାଧବଚନ୍ଦ୍ର ସାହୁ, ସଭାପତି ହରିହର ଦାଶ, ଶତ୍ରୁଘ୍ନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ରୋଜାଲିନଙ୍କୁ ସମ୍ବର୍ଦ୍ଧିତ କଲେ ସମିତି ସଭ୍ୟ



ଗଣିଆ,୧୬ ।୨(ସମିସ): ଗଣିଆ ବ୍ଲକର ପ୍ରଥମ ମହିଳା ବିଏସ୍ଏଫ୍ ଯବାନ ଭାବେ ଚୟନ ହୋଇଛନ୍ତି ଗଣିଆ ପଞ୍ଚାୟତ ୮ ନଂ ୱାର୍ଡ ବାସିନ୍ଦା ପରୀକ୍ଷିତ ବେହେରାଙ୍କ ଝିଅ ରୋଜାଲିନ ବେହେରା । କଠିନ ପରିଶ୍ରମ ଏବଂ ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଏହି ସଫଳତା ହାସଲ କରିଛନ୍ତି । ଏଥିପାଇଁ ଗଣିଆ ପଞ୍ଚାୟତ ସମିତି ସଭ୍ୟ ଫକୀର ମୋହନ ଡାକୁଆ ସୋମବାର ରୋଜାଲିନଙ୍କ ଘରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ରୋଜାଲିନଙ୍କ ସଫଳତା ଗଣିଆ ପାଇଁ ଗର୍ବର ବିଷୟ ବୋଲି ସେ ପ୍ରକାଶ କରିଛନ୍ତି ।

## ୧୮ରୁ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଭାପୁର/ଖଣ୍ଡପଡ଼ା,୧୬ ।୨(ସମିସ): ଭାପୁର ବ୍ଲକ ଭଗବାନପୁର ପଞ୍ଚାୟତ ବେତଖୋଲି ଗ୍ରାମବାସୀଙ୍କ ଦ୍ୱାରା ଗାଁ ନିକଟ ମୁଣ୍ଡବଥାଳୀ ପାହାଡ଼ ଉପରେ ନିର୍ମାଣ ହୋଇଛି ୩୬ ଫୁଟ ଉଚ୍ଚ ବିରାଟ ହନୁମାନ ମୂର୍ତ୍ତି ଓ ମନ୍ଦିର । ମନ୍ଦିର କମିଟି ଓ ଗ୍ରାମବାସୀ ଅକ୍ଳାନ୍ତ ପରିଶ୍ରମ କରି ଅର୍ଥ ଓ ଶ୍ରମଦାନ କରି ଏହି ମନ୍ଦିର ନିର୍ମାଣ କରିଛନ୍ତି । ଆସନ୍ତା ବୁଧବାର, ଗୁରୁବାର ଓ ଶୁକ୍ରବାର ତିନିଦିନ ଧରି ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ । ଏ ନେଇ ସୋମବାର ମନ୍ଦିର ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ମନ୍ଦିର କମିଟି ସଭ୍ୟ ତଥା ସମିତି ସଭ୍ୟାଙ୍କ ପ୍ରତିନିଧି ବସନ୍ତ କୁମାର ନାୟକ, ନୀଳମଣି ନାୟକ, ଗାଁ ସଭାପତି ଉଦ୍ୟନାଥ ପ୍ରଧାନ, ମନ୍ଦିର କମିଟି ସମ୍ପାଦକ ଗୋପାଳକୃଷ୍ଣ ଆଚାର୍ଯ୍ୟ, ବିଶ୍ୱନାଥ ସାହୁ, ବନମାଳୀ ମିଶ୍ର, ଅନନ୍ତ ପ୍ରଧାନ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇଥିଲେ । ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ଅତିଥି, ସାଧୁସନ୍ଥଙ୍କ ସମାଗମ ହେବ । ସମସ୍ତ ଭକ୍ତଙ୍କ ପାଇଁ ତିନିଦିନ ଧରି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ।

## ହାପି ମେମୋରିଆଲ କ୍ରିକେଟ, ଭାପୁର ଚାମ୍ପିଅନ



ଭାପୁର,୧୬ ।୨(ସମିସ): ଭାପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଖେଳପଡ଼ିଆରେ ଚାଲିଥିବା ହାପି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଛି । କଣ୍ଟିଲୋ ଦଳକୁ ୫୦ ରନ୍‌ରେ ହରାଇ ଭାପୁର ଚାମ୍ପିଅନ ହୋଇଛି । ଟସ ଜିତି ଭାପୁର ପ୍ରଥମେ ବ୍ୟାଟିଂ କରି ୧୯.୨ ଓଭରରେ ସମସ୍ତ ୱିକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲା । କଣ୍ଟିଲୋ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫.୪ ଓଭରରେ ୧୦୭ ରନ କରି ସମସ୍ତ ୱିକେଟ ହରାଇଥିଲା । ବିଜୟୀ ଦଳର ନାଲୁ ଦେହୁରୀ ୪ ଓଭର ବୋଲିଂ କରି ୨୫ ରନ ବ୍ୟୟରେ ୩ ୱିକେଟ ନେବା ସହ ବ୍ୟାଟିଂରେ ୨୦ ରନ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଫାଇନାଲ ଓ ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା । ଜନାର୍ଦ୍ଦନ ବେହେରା ଓ ପ୍ରତିବଲ୍ଲଭ ସାହୁ ଖେଳ ପରିଚାଳନା କରିଥିଲେ । ବାଦଲ ନାୟକ ଓ ସିକୁନ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ । ସ୍କୋରର ଭାବେ ଯତୀନ ଗୁମାନ ସିଂହ ଓ ତପନ ସାହୁ ଦାୟିତ୍ୱ ତୁଲାଇଥିଲେ । ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ଧଳ, ସମିତି ସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ, ସମାଜସେବୀ ରମେଶ ଚନ୍ଦ୍ର ବରାଡ଼ ଓ ଧନେଶ୍ୱର ପାତ୍ର ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ ।

## ଓଡ଼ଗାଁ ଏନ୍ଏସି
## ୯ ବର୍ଷ ପରେ ବି ହୋଇପାରିଲାନି ନିର୍ବାଚନ

ଓଡ଼ଗାଁ,୧୬ ।୨(ସମିସ): ଓଡ଼ଗାଁ ଏନ୍ଏସି ନିର୍ବାଚନକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ରାଜନୈତିକ ନିରବତା ଏବେ ଚିନ୍ତାର କାରଣ ହୋଇପଡ଼ିଛି । ସହରାଞ୍ଚଳ ବିକାଶ ଓ ସ୍ଥାନୀୟ ସ୍ୱାୟତ୍ତ ଶାସନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରାୟ ୯ ବର୍ଷ ପୂର୍ବେ ଓଡ଼ଗାଁକୁ ଏନଏସି ଘୋଷଣା କରାଯାଇଥିଲା । କିନ୍ତୁ ଏତେ ସମୟ ବିତିଗଲା ସତ୍ତ୍ୱେ ଏଠାରେ ନିର୍ବାଚିତ ଲୋକପ୍ରତିନିଧି ନ ଥିବା ନେଇ ସ୍ଥାନୀୟଜନତାଙ୍କ ମଧ୍ୟରେ ଅସନ୍ତୋଷ ଧୀରେ ଧୀରେ ଗଭୀର ହେଉଛି । ଏନଏସି ଘୋଷଣା ପରେ ସମଗ୍ର ପ୍ରଶାସନିକ କାର୍ଯ୍ୟଭାର ନିଯୁକ୍ତ ଅଧିକାରୀମାନଙ୍କ ହାତରେ ରହିଆସୁଛି । କିନ୍ତୁ ନିର୍ବାଚିତ ପରିଷଦ ନ ଥିବାରୁ ଲୋକଙ୍କ ସମସ୍ୟା, ଆବଶ୍ୟକତା ଓ ଅଭିଯୋଗ ସଠିକ୍ ଭାବେ ପ୍ରଶାସନ ପର୍ଯ୍ୟନ୍ତ ପହଞ୍ଚି ପାରୁ ନ ଥିବା ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି । ରାସ୍ତା, ନିଷ୍କାସନ, ପାନୀୟ ଜଳ, ସ୍ୱଚ୍ଛତା, ଆଲୋକୀକରଣ ଭଳି ମୌଳିକ ସମସ୍ୟାଗୁଡ଼ିକର ସୁଧାର ପାଇଁ ଲୋକ ପ୍ରତିନିଧିଙ୍କ ଭୂମିକାର ଅଭାବ ସ୍ପଷ୍ଟ ଭାବେ ଅନୁଭୂତ ହେଉଛି । ଏହି ପ୍ରସଙ୍ଗରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମଧ୍ୟ ପୂର୍ବବତ୍ ତତ୍ପରତା ଦେଖିବାକୁ ମିଳୁନାହିଁ । କିଛି ଦଳ ଏନଏସି ନିର୍ବାଚନ ଶୀଘ୍ର କରିବାକୁ ଦାବି କରୁଥିବା ବେଳେ, ଅନ୍ୟ କେତେକ ଦଳ ଏହାକୁ ପ୍ରଶାସନିକ ବିଳମ୍ବ ବୋଲି ଭାବି ନିରବ ରହିଛନ୍ତି । କେତେକ ଯୁବ ନେତୃତ୍ୱ ଓ ସାମାଜିକ ସଂଗଠନ ଲୋକତାନ୍ତ୍ରିକ ଅଧିକାର ସୁନିଶ୍ଚିତ କରିବା ପାଇଁ ତୁରନ୍ତ ନିର୍ବାଚନ ଆବଶ୍ୟକ ବୋଲି ଦୃଢ଼ ମତ ରଖିଛନ୍ତି । ଜନତାଙ୍କ ମଧ୍ୟରେ ଏବେ ପ୍ରଶ୍ନ ଉଠୁଛି, ଯଦି ଏନଏସି ଘୋଷଣାର ମୂଳ ଉଦ୍ଦେଶ୍ୟ ସହର ବିକାଶ ଓ ସ୍ଥାନୀୟ ସ୍ୱଶାସନକୁ ମଜବୁତ କରିବା, ତେବେ ଦୀର୍ଘ ସମୟ ଧରି ନିର୍ବାଚନ କାହିଁକି ହୋଇପାରୁନାହିଁ? ଲୋକତନ୍ତ୍ରରେ ଲୋକଙ୍କ ଭୋଟ ଓ ପ୍ରତିନିଧିତ୍ୱ ଅତ୍ୟାବଶ୍ୟକ ଓ ଏହାକୁ ଅଣଦେଖା କରାଯିବା ଉଚିତ୍ ନୁହେଁ ବୋଲି ସଚେତନ ନାଗରିକ ମହଲରେ ମତପ୍ରକାଶ ପାଇଛି । ଓଡ଼ଗାଁର ରାଜନୈତିକ ଭବିଷ୍ୟତ ଏବେ ନିର୍ବାଚନ ଘୋଷଣା ଉପରେ ନିର୍ଭର କରୁଛି । ସରକାର ଏ ଦିଗରେ ଶୀଘ୍ର ସ୍ପଷ୍ଟ ପଦକ୍ଷେପ ନେଲେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଥିବା ଅସନ୍ତୋଷ ଓ ଅନିଶ୍ଚିତତା ଦୂର ହୋଇପାରିବ । ନିର୍ବାଚନ ପ୍ରକ୍ରିୟା ଆରମ୍ଭ ସହ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରାଗଲେ ଏହାକୁ ତ୍ୱରାନ୍ୱିତ କରାଯିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି ।

## ଶ୍ରୀରଘୁନାଥଙ୍କ ପୀଠରେ ହରିହର ଭେଟ ଉତ୍ସବ



ଓଡ଼ଗାଁ,୧୬ ।୨(ସମିସ): ଓଡ଼ଗାଁ ଶ୍ରୀରଘୁନାଥଜୀଉ ପୀଠରେ ହରିହର ଭେଟ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରତ୍ୟେକ ବର୍ଷ ଜାଗର ପରଦିନ ଏହି ଉତ୍ସବ ପାଳିତ ହେଉଥିବା ବେଳେ ପ୍ରଭୁ ଶ୍ରୀରଘୁନାଥ ମା' ସୀତାଙ୍କ ସହ ଅନୁଜ ଲକ୍ଷ୍ମଣ ପାଟବସ୍ତ୍ର ଓ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରିଥିବା ବେଶକୁ ଶ୍ରଦ୍ଧାଳୁମାନେ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସନ୍ଧ୍ୟାରେ ପ୍ରଭୁ ରଘୁନାଥଙ୍କ ଦୈନନ୍ଦିନ ନୀତି ସମାପନ ପରେ ଶ୍ରୀରଘୁନାଥ (ହରି)ଙ୍କ ଚଳନ୍ତି ପ୍ରତିମା ଓ ମନ୍ଦିର ବେଢ଼ାରେ ପୂଜିତ ରାମେଶ୍ୱର ମହାଦେବ (ହର)ଙ୍କ ବିଜେ ପ୍ରତିମାଙ୍କୁ ବିମାନରେ ଅଣାଯାଇ ସିଂହଦ୍ୱାର ନିକଟରେ ଭେଟ କରାଇ ଚାଳି ମଣ୍ଡପରେ ଭୋଗ ଓ ଆଳତି ଲାଗି କରାଯାଇଥିଲା । ପରେ ହରି ଓ ହରଙ୍କୁ ଦୁଇଟି ସ୍ୱତନ୍ତ୍ର ବିମାନରେ ନଗର ପରିକ୍ରମା କରାଯାଇଥିଲା । ସିଂହଦ୍ୱାର ପ୍ରବେଶ ପୂର୍ବରୁ ରତ୍ନବେଦିରେ ହରିହର ଚଳନ୍ତି ପ୍ରତିମାଙ୍କ ନିକଟରେ ଏକାସାଙ୍ଗରେ କର୍ପୂର ଆଳତି ଓ ମହାଆଳତି ଲାଗି ହୋଇଥିଲେ । ମନ୍ଦିର ପରିଛା ହରିବନ୍ଧୁ ଷଡ଼ଙ୍ଗୀ, ପାଳିଆ ପୂଜାପଣ୍ଡା, ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ରଙ୍କ ସହ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ମନ୍ଦିର ସୁପରଭାଇଜର ଜିତେନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି ।

## ପୁରୁଣା କାମକୁ ନୂଆ ଦର୍ଶାଇ ଟଙ୍କା ହଡ଼ପ ଯୋଜନା



ଭାପୁର,୧୬ ।୨(ସମିସ): ଭାପୁର ବ୍ଲକ ପୂର୍ବରୁ ମିଥ୍ୟା ବିଲ୍ ପାଇଁ ସାରା ରାଜ୍ୟରେ ନିନ୍ଦିତ ହୋଇଥିବାବେଳେ ବର୍ତ୍ତମାନ ପୁନର୍ବାର ଏପରି ମିଥ୍ୟା ବିଲ୍ ହୋଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଭାପୁର ପଞ୍ଚାୟତରୁ ଏପରି ଅଭିଯୋଗ ଆସିଛି । ଅଭିଯୋଗ ମୁତାବକ ଭାପୁର ବାଲୁଙ୍କେଶ୍ୱର ଦେବ ହାଇସ୍କୁଲ ଗେଟ ସମ୍ମୁଖରୁ ଦମକଳ କେନ୍ଦ୍ର ପର୍ଯ୍ୟନ୍ତ ରାସ୍ତାର ନବୀକରଣ ପାଇଁ ମନରେଗା ଯୋଜନାରେ ୭ ଲକ୍ଷ ୬୦ ହଜାର ଟଙ୍କା ମଞ୍ଜୁର ହୋଇଛି । ମାତ୍ର ପୂର୍ବରୁ ଏହି କାର୍ଯ୍ୟ ସମାପ୍ତ ହୋଇଥିବାବେଳେ ବର୍ତ୍ତମାନ ଏହା ନିର୍ମାଣ ହୋଇଥିବା ଦର୍ଶାଯାଇଛି । ଏପରିକି ଗାଣ୍ଡୁଏ ମାଟି ନ ପଡ଼ି ଗତ ସପ୍ତାହରେ ଲକ୍ଷାଧିକ ଟଙ୍କା ବିଲ୍ ହୋଇଛି । ବିଡିଓଙ୍କ ନେତୃତ୍ୱରେ ଏପରି ମିଥ୍ୟା ବିଲ୍ ହୋଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଭାପୁର ଗ୍ରାମବାସୀ । ଏହାସହ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ସାମ୍ବାଦିକ ସମ୍ମିଳନୀ କରି ବିଡିଓଙ୍କ ଦୁର୍ନୀତିଖୋର ମନୋବୃତ୍ତି ନେଇ ବର୍ଷିଛନ୍ତି । ସୂଚନାଯୋଗ୍ୟ, ୨୦୧୭-୨୦୨୨ ମଧ୍ୟରେ ଭାପୁର ବ୍ଲକରେ ୨୦୬ କୋଟି ଟଙ୍କାର ମିଥ୍ୟା ବିଲ୍ ହୋଇଥିବା ଲୋକପାଳ କହିଛନ୍ତି । ଏ ନେଇ ମାମଲା ଚାଲୁରହିଛି ।

## ଜିଲ୍ଲାପାଳଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

ଓଡ଼ଗାଁ,୧୬ ।୨(ସମିସ): ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ସୋମବାର ଓଡ଼ଗାଁ ବ୍ଲକ ପରିସରରେ ଆୟୋଜିତ ଅଭିଯୋଗ ଶୁଣାଣି ଶିବିର ପାଇଁ ଏଠାକୁ ଆସିଥିବା ବେଳେ ବରିଷ୍ଠ ସାମ୍ବାଦିକ ଆଦର୍ଶ କୁମାର ପଟ୍ଟନାୟକ, ସାରସ କୁମାର ମିଶ୍ର ଓ ଅଶୋକ କୁମାର ମହାପାତ୍ର ତାଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ଶ୍ରୀରଘୁନାଥଜୀଉଙ୍କ ପୀଠର ମହିମା ସହ ଏହା ସମ୍ବନ୍ଧୀୟ ଅନେକ ତଥ୍ୟ ଅବଗତ କରାଇଥିଲେ । ଏଥିସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ । ଜିଲ୍ଲାପାଳ ରଥ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ୨୭ ବର୍ଷ ପୂର୍ବେ ନିର୍ମିତ ହୋଇ ଭୂତକୋଠିରେ ପରିଣତ ହୋଇଥିବା ପାନ୍ଥଶାଳା, ହସ୍ପିଟାଲ, ଆହାର କେନ୍ଦ୍ର ଓ ରାମସାଗର ପାର୍କ ପରିଦର୍ଶନ କରିଥିଲେ । ପାନ୍ଥଶାଳାକୁ ଏନଏସିକୁ ହସ୍ତାନ୍ତର କରିବା ପାଇଁ ସେ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗୋଡିସାହିରୁ ହମ୍ପ ଅପସାରଣ ପାଇଁ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ, ବିଡିଓ ପ୍ରତିବାଳା ରଣା ଓ ଏନଏସି ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା ଉପସ୍ଥିତ ଥିଲେ ।

## ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାୟିତ୍ୱ ପରିବର୍ତ୍ତନ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ




ଓଡ଼ଗାଁ,୧୬ ।୨(ସମିସ): ଓଡ଼ଗାଁ ବ୍ଲକ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାୟିତ୍ୱ ପରିବର୍ତ୍ତନକୁ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ଡା. ତାପସ ରଞ୍ଜନ ସେନାପତି ଦୀର୍ଘ ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ । ଏଥିସହ ରୋଗୀମାନଙ୍କୁ ଉଚ୍ଚ ମାନର ସେବା ଯୋଗାଇ ଆସୁଥିଲେ । ତେବେ ଶୁକ୍ରବାର ଅଚାନକ ସ୍ୱାସ୍ଥ୍ୟ ବିଭାଗ ଚିଠି ନମ୍ବର ୭୧୮ ଅନୁସାରେ ଡା. ସେନାପତିଙ୍କଠାରୁ ଉକ୍ତ ଦାୟିତ୍ୱ ପ୍ରତ୍ୟାହାର କରାଯାଇ ଜଣେ କନିଷ୍ଠ ଡାକ୍ତରଙ୍କୁ ପ୍ରଦାନ କରାଯାଇଛି । ଏ ନେଇ ସ୍ଥାନୀୟ କେତେକ ବୁଦ୍ଧିଜୀବୀ ଓ ଜନସାଧାରଣ ଏହାକୁ ତୁରନ୍ତ ଉକ୍ତ ଆଦେଶକୁ ପ୍ରତ୍ୟାହାର କରି ଡା. ସେନାପତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାୟିତ୍ୱ ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ସପ୍ତାହକ ମଧ୍ୟରେ ଦାବି ପୂରଣ ନ ହେଲେ ବାଧ୍ୟହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ଚେତାବନୀ ଦେଇଛନ୍ତି ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

# ୫୨ ଅଭିଯୋଗର ତତ୍କାଳ ସମାଧାନ

ଓଡ଼ଗାଁ,୧୬ ।୨(ସମିସ)

ଓଡ଼ଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର ଜିଲ୍ଲା ପ୍ରଶାସନର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ଜିଲ୍ଲାପାଳ ମଧୁମିତା ରଥ, ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଶିବିରରେ ମୋଟ ୧୪୭ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୧୩୩ଟି ବ୍ୟକ୍ତିଗତ, ୮ଟି ସାମୂହିକ ସମସ୍ୟା ଓ ୬ଟି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିର ସହାୟତା ସମ୍ପର୍କିତ ଅଭିଯୋଗ ଥିଲା । ୫୨ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ଅବଶିଷ୍ଟ ମାମଲାଗୁଡ଼ିକର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପଠାଯାଇଛି । ଶିବିରରେ ବରିଷ୍ଠ ସାମ୍ବାଦିକ ଆଦର୍ଶ କୁମାର ପଟ୍ଟନାୟକ, ଅଶୋକ କୁମାର ମହାପାତ୍ର, ସାରସ କୁମାର ମିଶ୍ରଙ୍କ ପକ୍ଷରୁ ଦୀର୍ଘଦିନ ଧରି ଅବ୍ୟବହୃତ ଅବସ୍ଥାରେ ପଡ଼ିଥିବା ପାନ୍ଥଶାଳା, ନୟାଗଡ଼-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥର ଗୋଡିସାହି ନିକଟରେ ବୃହତ ହମ୍ପ ଉଚ୍ଛେଦ ଓ ସରକାରୀ ପଲିଟେକ୍ନିକ୍ ସାମ୍ନାରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର କାର୍ଯ୍ୟକ୍ଷମ କରିବା ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହାକୁ ଗୁରୁତ୍ୱର ସହ ନେଇ ଜିଲ୍ଲାପାଳ ଶିବିର ପରେ ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରିଥିଲେ । ସେହିପରି ରାଜ୍ୟ ରାଜପଥ ଦେଇ ଗଞ୍ଜାମ ଅଭିମୁଖେ ଯିବାକୁ ଥିବା ଯାନବାହନ ଜିପିଏସଠାରୁ ଭୁଲ ତଥ୍ୟ ପାଇ ରଘୁନାଥଜୀଉ ମନ୍ଦିର ଅଭିମୁଖେ ଯାଉଥିବା ସମସ୍ୟା ଦୃଷ୍ଟିରୁ ଶରଣକୁଳ-ଦରପଦା ରାସ୍ତା ଓ ଓଡ଼ଗାଁ ହନୁମାନ ଛକରେ ସୂଚନା ଫଳକ ଲଗାଇବାକୁ ପ୍ରସ୍ତାବ ଆସିଥିଲା । ଏହାସହ ଓଡ଼ଗାଁ ଏନଏସି ଅଞ୍ଚଳରେ ପନିପରିବା ବିକ୍ରି ନିୟନ୍ତ୍ରଣ ପାଇଁ ସାପ୍ତାହିକ ହାଟ ସ୍ଥାପନ ପାଇଁ ଓଡ଼ଗାଁର ସୁଶାନ୍ତ କୁମାର ସାହୁ ଦାବି ଉଠାଇଥିଲେ । କୁରୁମ ବାଙ୍କତରା ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ବାସିଖାଦ୍ୟ ପରିବେଷଣ ଅଭିଯୋଗ ଆଧାରରେ ଉପଜିଲ୍ଲାପାଳଙ୍କ ପକ୍ଷରୁ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଶିବିରରେ ତହସିଲଦାର ଡା. ମାନସ ରଞ୍ଜନ ଭୋଇ, ବିଡିଓ ପ୍ରୀତିବାଳା ରଣା, ଏନଏସି ନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରା, ଆଇଆଇସି ଅଭୟ ବେହେରା ପ୍ରମୁଖ ଯୋଗଦେଇଥିଲେ ।



## ଛାତ୍ରର ମୃତ୍ୟୁ ପରେ ସ୍କୁଲ ବନ୍ଦ ଘଟଣା

# ବାହାରିଲାନି ନିଷ୍କର୍ଷ; ହଟହଟା ହେଲେ ଡିଇଓ

**ଜିଲ୍ଲାପାଳ ଆସିଲେ ହେବ ସମାଧାନ**

ଗଣିଆ,୧୬ ।୨(ସମିସ): ଦୀର୍ଘ ୧୩ ଦିନ ପରେ ଖୋଲିଥିଲା ବିଦ୍ୟାଳୟ । ୨୫ ଜଣ ଛାତ୍ରଛାତ୍ରୀ ମଧ୍ୟ ପାଠ ପଢ଼ିବାକୁ ଆସିଥିଲେ । ତେବେ ବିରୋଧର ଶିକାର ହେବାପରେ ଫେରିଗଲେ ଜିଲ୍ଲା ଶିକ୍ଷା ଅଧିକାରୀ । ଦୀର୍ଘ ସମୟ ଆଲୋଚନା ପରେ ବାହାରି ପାରିଲାନି ନିଷ୍କର୍ଷ । ଜିଲ୍ଲାପାଳ ନ ଆସିବା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିବାକୁ ଦେବୁନାହିଁ ବୋଲି ରୋକଠୋକ ଶୁଣାଇଦେଲେ ଗ୍ରାମବାସୀ । ଗଣିଆ ବ୍ଲକ ବେଲପଡ଼ାପାଟଣା ପ୍ରାଥମିକ ବିଦ୍ୟାଳୟରେ ସୋମବାର ଏହି ଘଟଣା ଘଟିଛି ।

ଗତ ୩ ତାରିଖ ଉକ୍ତ ବିଦ୍ୟାଳୟରେ ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଲିକ ଶୌଚ ଯିବାକୁ କହି ବିଦ୍ୟାଳୟରୁ ଆସିଥିବା ବେଳେ ଆଉ ଫେରି ନ ଥିଲେ । ୪ ତାରିଖ ଏକ ଖୋଲା କୂଅରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ସେହିଦିନଠାରୁ ପରିବାର ଲୋକେ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ । ସୋମବାର ବ୍ଲକ ଶିକ୍ଷା ଅଧିକାରୀ ଲିପ୍ସା ନନ୍ଦ, ବିଆରସିସି ବିନୋଦିନୀ ପଣ୍ଡା ବିଦ୍ୟାଳୟରେ ପହଞ୍ଚିଥିଲେ । ଗ୍ରାମର ପ୍ରାୟ ୨୫ ଜଣ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଆସିଥିଲେ । ବିଇଓ ଓ ବିଆର୍‌ସିସି ମୃତ ଛାତ୍ରଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ ମଧ୍ୟ ବିଫଳ ହେବାରୁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଚିତ୍ତରଞ୍ଜନ ପାଣ୍ଡେଙ୍କୁ ଡକାଯାଇଥିଲା । ତେବେ ପରିବାର ଲୋକେ ନିଜ ଜିଦ୍‌ରେ ଅଟଳ ରହିଥିଲେ । ଜିଲ୍ଲାପାଳ ନ ଆସିବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରିବ ନାହିଁ ବୋଲି ରୋକଠୋକ ଶୁଣାଇବା ସହ ବିଦ୍ୟାଳୟରେ ପୁଣିଥରେ ତାଲା ପକାଇ ଦେଇଥିଲେ । ଫଳରେ ଶିକ୍ଷା ଅଧିକାରୀ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟରୁ ବାହାରକୁ ଆଣି ଫେରି ଯାଇଥିଲେ । ୧୩ ଦିନ ବିତିଯାଇଥିଲେ ମଧ୍ୟ କୌଣସି ସମାଧାନର ସୂତ୍ର ବାହାରି ପାରି ନ ଥିବାରୁ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି ।



# ୧୭୦ ବୋତଲ କଫସିରପ୍ ଜବତ

## ଖସିଗଲା ମାଷ୍ଟରମାଇଣ୍ଡ, ଶଶୁର ବୋହୂଙ୍କ ସମେତ ୩ ଗିରଫ



ଖୋର୍ଦ୍ଧା,୧୬।୨(ସମିସ): ଅବକାରୀ ବୋମାଇଲ ସ୍କ୍ୱାଡ ଗତକାଲି ଅପରାହ୍ନରେ ପଲ୍ଲା ମଝିସାହି ଓ କଂଟାଛକଠାରେ ଚଢଉ କରି ୧୭୦ବୋତଲ କଫସିରପ୍ ଜବତ କରିଛି। ଏହି ଘଟଣାରେ ମାଷ୍ଟରମାଇଣ୍ଡ ଖସିଯାଇଥିବାବେଳେ ବେପାରର ମଙ୍ଗ ସମ୍ଭାଳିଥିବା ଶଶୁର ଓ ବୋହୂଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଗିରଫ ଶଶୁର ହେଲେ ପଲ୍ଲା ମଝିସାହି ର ବିଜୟ କୁମାର ସାହୁ(୬୮) ଓ ତାଙ୍କ ବୋହୂ ମୋନାଲିସା ସାହୁ (୨୯) ଏବଂ ଅନ୍ୟଜଣେ ହେଲେ ତ୍ରିନାଥ ସାହୁ (୪୦)। ସେମାନଙ୍କ ଠାରୁ ଗୋଟିଏ ମୋବାଇଲ, ଓଡି.୦୨ଏମ୍-୯୬୮୨ନଂ ବିଶିଷ୍ଟ ଏକ ବାଇକ୍ ଏବଂ ବିକ୍ରି ବାବଦ ରହିଥିବା ନଗଦ ୧ହଜାର ଟଙ୍କା କୁ ମୋବାଇଲ ସ୍କ୍ୱାଡ ଜବତ କରିଛି। ମାଷ୍ଟରମାଇଣ୍ଡ ମୋନାଲିସାଙ୍କ ସ୍ୱାମୀ ରଞ୍ଜିତ ସାହୁ ଓରଫ୍ ଜିତୁକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଜି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ ସୂଚନା ଦେଇଛନ୍ତି।

ଅବକାରୀ ଅଧିକ୍ଷକ ଶ୍ରୀମତୀ ତ୍ରିପାଠୀଙ୍କ ସୂଚନା ଅନୁସାରେ, ରଞ୍ଜିତ ବେଆଇନଭାବେ କଫସିରପ ଗଚ୍ଛିତ ରଖି ବେପାର କରୁଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲା। ପତ୍ନୀ ମୋନାଲିସା ନିଶାନିବାରଣ କେନ୍ଦ୍ରରେ ସେବା କରୁଥିବାବେଳେ ଏହାର ସୁଯୋଗ ନେଇ ପଛପଟେ ସ୍ୱାମୀ ସ୍ତ୍ରୀ କଫସିରପ ବେପାର ଚଳାଇଥିଲେ। ସେମାନଙ୍କୁ ଧରିବାକୁ ଅବକାରୀ ମୋବାଇଲ ସ୍କ୍ୱାର୍ଡର ଏକ ଟିମ୍ ମୋବାଇଲ ଇନ୍ସପେକ୍ଟର ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ଗତକାଲି ଅପରାହ୍ନରେ ପଲ୍ଲା ମଝିସାହିସ୍ଥିତ ରଞ୍ଜିତ ର ଘରେ ଚଢଉ କରିଥିଲେ। ଚଢଉ ଦେଖି ରଞ୍ଜିତଙ୍କ ସ୍ତ୍ରୀ ମୋନାଲିସା ତାଙ୍କ ବେଡରୁମ ରେ ଥିବା କଫସିରପ ପେଟିକୁ ନେଇ ଘର ପଛପଟେ ଲୁଚାଉଥିବାବେଳେ ତାଙ୍କୁ ଟିମ୍ ଧରିଛି। ତାଙ୍କଠାରୁ ୫୦ ବୋତଲ ଲିକାରେକ୍ସ କଫସିରପ୍ ଜବତ କରିଛି। ତଦନ୍ତବେଳେ ତାର ବୟାନ ମୁତାବକ କଂଟାଛକଠାରେ ଥିବା ଜଳଖିଆ ଦୋକାନ ଠାରେ ଚଢଉ କରିଥିଲେ। ସେଠାରେ ଶଶୁର ବିଜୟ ଓ ତ୍ରିନାଥ ବାଇକ୍ ରେ ଲୋଡ କରି ମାଲ ନେଇଯାଉଥିବାବେଳେ ଦୋକାନ ପଛପଟୁ ବାଇକ୍ ସହ ୧୨୦ ଏସ୍କଫ୍ର କଫସିରଫ୍ ବୋତଲ ଜବତ କରିଛି। ଅବକାରୀ ଚଢଉ ଦେଖି ମୋନାଲିସାଙ୍କ ସ୍ୱାମୀ ରଞ୍ଜିତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଘରୁ ଏବଂ ଦୋକାନ ଠାରୁ ସମୁଦାୟ ୨୦.୪ଲିଟର ବେଆଇନ୍ ନିଶା ସାମଗ୍ରୀ ଜବତ ହୋଇଛି। ଯାହାର ମୂଲ୍ୟ ୩୨,୭୦୦ ହେବ। ସେହିପରି ଜବତ ଗାଡି ଓ ମୋବାଇଲ କୁ ମିଶାଇଲେ ମୋଟ ୧ଲକ୍ଷ ୭ହଜାର ଟଙ୍କା ହେବ ବୋଲି ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଛନ୍ତି।

ଏହି ଚଢଉରେ ଅବକାରୀ ମୋବାଇଲ ଇନ୍ସପେକ୍ଟର ଶ୍ରୀମତୀ ବରାଳଙ୍କ ସମେତ ଏସ୍ଆଇ ମିତ୍ରବିନ୍ଧା ପରିଡା, ଏଏସ୍ଆଇ ସଞ୍ଜୟ କୁମାର ରାଉତ, ଏଏସ୍ଆଇ ଜିତେନ୍ଦ୍ର ହେମ୍ବ୍ରମ୍, ବିକାଶ କୁମାର ରାଉତ, ସ୍ୱପ୍ନାରାଣୀ ବେହେରା, ସତ୍ୟବନ୍ତ ମାଝି, ଟିଟୁ ସାହୁ, ସାନନ୍ଦ କଅଁର ପ୍ରମୁଖ ସାମିଲ ଥିଲେ।

ପ୍ରକାଶ ଥାଉକି, ନିଶା କାରବାର ହବ୍ ପାଲଟିଥିବା ଖୋର୍ଦ୍ଧା ସହରରେ ଧଳାଜହର ପରେ ଏବେ କଫସିରଫ (କୋରେକ୍ସ) କାରବାର ବୃଦ୍ଧି ପାଇବାରେ ଲାଗିଛି। ସହରର ଅଧିକାଂଶ ସ୍ଥାନରେ ବେଆଇନ ଭାବେ ବିକ୍ରି ଚାଲିଛି। ଦିନକୁ ଲକ୍ଷାଧିକ ଟଙ୍କାର ବିକ୍ରି ହେଉଥିବା ବିଶେଷ ସୂତ୍ରରୁ ଜଣାପଡିଛି। ବିଶେଷତଃ ଯୁବପିଢି ଏହାର ଶିକାର ହେଉଛନ୍ତି। ସହର ଗଳିକନ୍ଦି ଚାରିଆଡେ କଫସିରପ ବେପାର ଖୁଲମଖୁଲା ଭାବେ ଚାଲିଛି। ଔଷଧ ଦୋକାନ ଠାରୁ ଆରମ୍ଭ କରି ପାନ ଦୋକାନରେ ଏହା ବହୁଳମାତ୍ରା ବିକ୍ରି ହେଉଥିବା ଜଣାପଡିଛି। ଡ୍ରଗସ୍ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ନିଷ୍କ୍ରିୟତାରୁ ସହରରେ ଏହି ବେପାର ଦ୍ରୁତଗତିରେ ମାଡିଚାଲିଛି। ବାରମ୍ବାର ଚଢଉ ପରେ ସହରରେ ଧଳଜହରର ମାଫିଆ ମାନେ ବ୍ରାଉନସୁଗାର ବେପାରକୁ ଛାଡି ଏହାକୁ ସୁରକ୍ଷିତ ବେପାର ଭାବେ ଧରି ନେଇଛନ୍ତି। ଏଥିରେ କେହି ସନ୍ଦେହ କରିବା ଅଥବା ଧରାପଡିବା ଆଶଙ୍କା ନଥିବାରୁ ବେଧଡକ ଭାବେ ଏହି କାରବାର ଚଲାଇଛନ୍ତି। ଅତି କମ୍ ଦାମରେ ଏହା ମିଳିଯାଉଥିବାରୁ ଯୁବପିଢିଙ୍କ ନିଶାରେ ପରିଣତ ହୋଇଛି। ତେଣୁ ଜିଲ୍ଲାପ୍ରଶାସନ ଓ ଅବକାରୀ ବିଭାଗ ଏହାକୁ ଗୁରୁତର ସହ ଗ୍ରହଣ କରି ଏହାକୁ ବନ୍ଦ କରିବାକୁ ଦାବି ହେଉଛି।

# ଦେଶୀ ମଦ ଜବତ, ୨ ଗିରଫ

ବାଲୁଗାଁ, ୧୬।୨(ସମିସ) : ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ସୋମବାର ବାଣପୁର ଓ ନାଚୁଣୀ ଥାନା ଅନ୍ତର୍ଗତ ଅଞ୍ଚଳରେ ଚଢ଼ଉ କରି ୨୦ ଲିଟର ଦେଶୀ ମଦ ଜବତ କରିବା ସହ ଏଥିଠରେ ସଂପୃକ୍ତ ଦୁଇ ଜଣ ମଦ ବେପାରୀକୁ ଗିରଫ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ। ଗିରଫ ଦୁଇ ଅଭିଯୁକ୍ତ ହେଲେ ବାଲୁଗାଁ ଥାନା ଅନ୍ତର୍ଗତ କାନ୍ଥମାଳ ଆଙ୍କୁଲା ଗ୍ରାମର ବୃନ୍ଦାବନ ଜୁଝାରସିଂହ (୫୦) ଓ ନାଚୁଣୀ ଥାନା ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ଗ୍ରାମର ଶରତ ବରାଳ (୬୦)। ଅଞ୍ଚଳରେ ବେଆଇନ ମଦ କାରବାର ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ବାଲୁଗାଁ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ ସୋମବାର ପୂର୍ବାହ୍ନରେ ପୃଥକ ଭାବେ ବାଣପୁର ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମରେ ଚଢାଉ କରି ବେଆଇନ ଭାବେ ମଦ ବିକ୍ରୀ କରୁଥିବା କାନ୍ଥମାଳ ଆଙ୍କୁଲା ଗ୍ରାମରେ ବୃନ୍ଦାବନ ଜୁଝାରସିଂହଙ୍କୁ ଗିରଫ କରି ତାଙ୍କ ନିକଟରୁ ୧୫ ଲିଟର ଦେଶୀ ମଦ ଜବତ କରିଥିବା ବେଳେ ନାଚୁଣୀ ଥାନା ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ଗ୍ରାମରେ ଚଢାଉ କରି ଉକ୍ତ ଗ୍ରାମର ଶରତ ବରାଳଙ୍କୁ ଗିରଫ କରି ତାଙ୍କ ନିକଟରୁ ୫ ଲିଟର ଦେଶୀ ମହୁଲି ମଦ ଜବତ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ। ଏହି ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରି ଅଭିଯକ୍ତ ଦ୍ୱୟଙ୍କୁ କୋର୍ଟ .ଲାଣ କରାଯାଇଛି। ଉକ୍ତ ଚଢାଉରେ ବାଲୁଗାଁ ଅବକାରୀ ଏସଆଇ ମୀନକେତନ ମାହାଲିକ, ସିପାହୀ ମନୋଜ କୁମାର ଜୟସିଂ, ରଂଜିତ ପଟେଲ, ଅଶେଷ କୁମାର ପ୍ରଧାନ, ସୁନିତା ମହାରଣା ପ୍ରମୁଖ ସାମିଲ ଥିଲେ।




# ଭାରତୀୟ ସେନାର କର୍ପସ ଅଫ୍ ସିଗ୍ନାଲ୍ସ ଉତ୍ସବ



ଟାଙ୍ଗୀ,୧୬।୨(ସମିସ) : ୧୧୬ ତମ ଭାରତୀୟ ସେନାର କର୍ପସ ଅଫ ସିଗ୍ନାଲସ ଉତ୍ସବ ପୂର୍ବ ସେନାନୀ ସଂଘ ଚିଲିକା କୁହୁଡି ଶାଖା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । କର୍ପାସ ଅଫ ସିଗ୍ନାଲସ ସେନାର ପ୍ରମୁଖ ଯୁଦ୍ଧ ସହାୟକ ଅଙ୍ଗ, ଯାହା ଯୁଦ୍ଧ ଓ ଶାନ୍ତି ସମୟରେ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଯୋଗାଇଥାଏ । ଏହି ପରିପ୍ରେକ୍ଷୀରେ ପୂର୍ବ ସେନାନୀ ସଂଘରେ ଥିବା ଅଭିଜ୍ଞ ସିଗ୍ନାଲ ଡିପାର୍ଟମେଣ୍ଟର ସୈନିକମାନେ ଯୁବକମାନଙ୍କୁ ସେନାବାହିନୀରେ ଯୋଗ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଶ୍ରୀବତ୍ସ ବୈରୀଗଞ୍ଜନ, ଜି ରାଜୁ, ପୂର୍ଣ୍ଣଚନ୍ଦ୍ର ଦାଶ, ଶିଖର ପ୍ରଧାନ, ଶଙ୍କର ବଡ଼ଜେନା, ଲକ୍ଷ୍ମଣ ବେହେରା, ଆଦିନାରାୟଣ ପାତ୍ର, ଜଳଧର ପ୍ରଧାନ, ଶ୍ୟାମ ପାଇକରାୟ, ଭୁବନେଶ୍ୱର ପାଇକରାୟ, ଜି କାଳିଆ ପାତ୍ର, ବେଣୁଧର ଜେନା, ଭୀମସେନ ଜୟସିଂହ ଓ ପିକେ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସର ସାଂଗଠନିକ ବୈଠକ

ଟାଙ୍ଗୀ,୧୬।୨(ସମିସ): ଟାଙ୍ଗୀକୁ ଏନଏସି ଘୋଷଣା ପରେ ବିଭିନ୍ନ ରାଜନୈତିକ ମହଲ ରେ ପାର୍ଥୀ ଖୋଜା ଜୋର ଧରିଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସକୁ ମଜବୁତ କରିବା ଲକ୍ଷରେ ଆଜି ଟାଙ୍ଗୀ କଂଗ୍ରେସ ଭବନ ପରିସରରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଟାଙ୍ଗୀ ଏନଏସି ରେ ୧୨ ଟି କାଉନସିଲର ପଦବୀ ସହ ଚେୟାରମ୍ୟାନ ପାର୍ଥୀ ସଂପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକ ରେ ଜିଲ୍ଲା ସାଧାରଣ ସଂପାଦକ ଶେଖ ସାଜିଦ,ବ୍ଲକ କଂଗ୍ରେସ ସଭାପତି ଶିଶିର କୁମାର ପଟ୍ଟନାୟକ, ବରିଷ୍ଠ କର୍ମକର୍ତ୍ତା ଆଡଭୋକେଟ ବିଶ୍ୱଜିତ ରାଉତରାୟ, ରାଜେନ୍ଦ୍ର କୁମାର ଜେନା, ଅଭିମନ୍ୟୁ ବେହେରା, ନୀଳକଣ୍ଠ ସିଂ, ସର୍ବେଶ୍ୱର ମଲ୍ଲିକ, ସନାତନ ବେହେରା, ଅମରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ସାମୂହିକ ୧୦୮ ହନୁମାନ ଚାଳିଶା ପଠନ



ବାଣପୁର,୧୬।୨(ସମିସ): ବାଣପୁରର ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ତରଫରୁ ପ୍ରତି ବର୍ଷ ପରି ଚଳିତ ବର୍ଷ ବାଣପୁର ବଜାରସ୍ଥିତ ଆରାଧ୍ୟ ଠାକୁର ଶ୍ରୀ ରଙ୍ଗନାଥ ଦେବଙ୍କ ମନ୍ଦିର ପରିସରରେ ୫ ଦିନ ବ୍ୟାପି ଶ୍ରୀଜଗନ୍ନାଥ କଥାମୃତ ପ୍ରବଚନ ଓ ସାମୁହିକ ୧୦୮ ହନୁମାନ ଚାଳିଶା ପଠନ କାର୍ଯ୍ୟକ୍ରମ ଗତ ୧୨ତାରିଖ ଗୁରୁବାର ଠାରୁ କଳସ ଶୋଭାଯାତ୍ରାରେ ଆରମ୍ଭ ହୋଇ ୧୬ ତାରିଖ ସୋମବାର ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଉଦଯାପିତ ହୋଇଯାଇଛି। ଗୁରୁବାର ପ୍ରାତଃରେ କଳସ ଶୋଭାଯାତ୍ରା ବାଣପୁର ବଜାର ପରିକ୍ରମା କରି ମନ୍ଦିରରେ ପହଁଚିବା ପରେ ଯଜ୍ଞର ଶୁଭାରମ୍ଭ ହୋଇଥିଲା। ହରିପୁର ମଠ ମହନ୍ତ ମହନ୍ତ ଶ୍ରୀ ରାମ ମୋହନ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯଜ୍ଞରେ ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ପୂଜାବିଧି ସଂପାଦନା ପରେ ଦୈନିକ ସଂଧାରେ ପ୍ରବକ୍ତା କଥା ବାଚକ ଡ. ଆଶୁତୋଷ ମିଶ୍ର ଶ୍ରୀଜଗନ୍ନାଥ କଥାମୃତ ଦିବ୍ୟ ପ୍ରବଚନ ଦେଉଥିଲେ। ସମଗ୍ର ଅଂଚଳରୁ ବହୁ ଶ୍ରଦ୍ଧାଳୁ ଓ ବ୍ୟକ୍ତି ବିଶେଷ ସାମିଲ ହୋଇ ପ୍ରଭୁକୃପା ଲାଭ କରୁଥିଲେ।

# ୨୨ରେ ବିଶାଳ ସ୍ୱାସ୍ଥ୍ୟସେବା ଶିବିର

ନିରାକାରପୁର,୧୬।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ବଡ଼ପୋଖରିଆ ପଞ୍ଚାୟତ ଅନ୍ତର୍ଗତ ବୋଡ଼ଙ୍ଗରାର ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ 'ବରଦାନୀ ଭବନ' ଏବଂ ନୀଳଗିରି ପାଟଣାର ନିଗମାନନ୍ଦ ସରସ୍ୱତୀ ଚିନ୍ତାମଣୀ ସେବାଶ୍ରମର ମିଳିତ ସହଯୋଗରେ ଏକ ବିଶାଳ ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହେବାକୁ ଯାଉଛି। ନବେତମ ସ୍ୱର୍ଣ୍ଣିମ ଶିବ ଜୟନ୍ତୀ ଅବସରରେ ଆସନ୍ତା ଫେବୃଆରୀ ୨୨ ତାରିଖ (ରବିବାର) ଦିନ ଏହି ଶିବିର ଅନୁଷ୍ଠିତ ହେବ। ଶିବିରରେ ଭୁବନେଶ୍ୱରସ୍ଥିତ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ବିଭାଗର ବରିଷ୍ଠ ବିଶେଷଜ୍ଞ ଡାକ୍ତରମାନେ ଯୋଗଦେବେ। ବଡ଼ପୋଖରିଆ ପଞ୍ଚାୟତ ଓ ଆଖପାଖ ଅଞ୍ଚଳର ଜନସାଧାରଣ ଏହି ସୁଯୋଗର ଲାଭ ଉଠାଇବା ପାଇଁ ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଏବଂ ଚିନ୍ତାମଣୀ ସେବାଶ୍ରମ ପକ୍ଷରୁ ଅନୁରୋଧ କରାଯାଇଛି।

# ଆଜିଠାରୁ ୪ଦିନ କାଇପଦର ଜାଗର ଯାତ୍ରା

ଖୋର୍ଦ୍ଧା,୧୬।୨(ସମିସ): ଖୋର୍ଦ୍ଧା ସହର ଉପକଣ୍ଠ କାଇପଦର ଠାରେ ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଶ୍ରୀ ଶ୍ରୀ ସୋମନାଥ ଦେବଙ୍କ କ୍ଷେତ୍ରରେ ୧୩୨ତମ ମହା ଶିବରାତ୍ରି ଜାଗରଯାତ୍ରା ଉପଲକ୍ଷେ ଦୀର୍ଘ ଚାରିଦିନ ଧରି ବାବା ସୋମନାଥ ଦେବ ସଂସଦ ଆନୁକୂଲ୍ୟରେ ଚାଲିବ। ଏଥିସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଆସନ୍ତାକାଲି (ମଙ୍ଗଳବାର) ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ବିଭିନ୍ନ ନାଚ୍ୟ ଅନୁଷ୍ଠାନ ପକ୍ଷରୁ ସାମାଜିକ ନାଟକ ପରିବେଷଣ କରାଯିବ। ପ୍ରଥମ ରଜନୀ ରେ ଆମ ନାଟକ ଦ୍ୱାରା ଦିଅଁ ପୁଜିବାକୁ ଦେଉଳ ମନା, ଦ୍ୱିତୀୟ ରଜନୀରେ ମା' ପାଦୁକାଇ ଯୁବ ନାଟ୍ୟ ସଂସଦ ବାଣପୁର କଟି କଟି ଡବଲ କଟି, ତୃତୀୟ ରଜନୀ ରେ ରାଜଧାନୀ ମଂଚ ଭୁବନେଶ୍ୱର ନାଟ୍ୟସଂସଦ ଯାଜପୁର କିଏ କାନ୍ଦି ନାହିଁ ହାତ ଟେକ ଏବଂ ଚତୁର୍ଥ ରଜନୀ ରେ ଆରିଆନ କ୍ରୁର୍ ଭୁବନେଶ୍ୱର ହାଃ କୃଷ୍ଣ ବୋଲି ଯାଉ ଯିବ ନାଟକ ମଂଚସ୍ଥ ହେବ।

ଏହି ମହୋତ୍ସବ କମିଟିର ସଦସ୍ୟ ସରପଞ୍ଚଙ୍କ ପ୍ରତିନିଧି ବିଜୟ କୁମାର ଅରିସଲ, ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ରାଜକିଶୋର ପାତ୍ର, ସାଂସଦ ପ୍ରତିନିଧି ବିଭୁପ୍ରସାଦ ବଳିୟାରସିଂହ , ପ୍ରଦୀପ ରାଉତରାୟ, ବିପିନ ରଣସିଂହ, ମିଟୁ ବଳିୟାରସିଂହ, ରାଜେଶ ସୁବୁଦ୍ଧି, ତପନ ପାତ୍ର, ଝଜ ସାମନ୍ତରାୟ, ସତ୍ୟନାରାୟଣ ବଳିୟାରସିଂହ, ମାନସ ପ୍ରଧାନ, ହେମନ୍ତ ସାହୁ ପ୍ରମୁଖ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ବଡ଼ପଦର ଜାଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା




ବେଗୁନିଆ,୧୬।୨(ସମିସ): ବୋଲଗଡ ବ୍ଲକ ଅନ୍ତର୍ଗତ ବଡପଦର ଗ୍ରାମ ସ୍ଥିତ ଲୋକେଶ୍ୱର ଦେବଙ୍କ ପୀଠରେ ଯୁବକ ସଂଘ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଜାଗର ମହୋତ୍ସବରେ ଶୀତୁଆ ସନ୍ଧ୍ୟାରେ ଲୋକକଳା ନୃତ୍ୟ ମନ ମୋହି ପାରିଥିଲା। ଏଥିରେ ସଭାପତି ଜିତେନ୍ଦ୍ର କୁମାର ବଳିୟାରସିଂହଙ୍କ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ସମାଜସେବୀ ମନୋଜ କୁମାର ପ୍ରଧାନ ମୁଖ୍ୟବକ୍ତା, ସରପଞ୍ଚ ସୁନନ୍ଦା ବରାଳ, ମଲିପଦର ଆମ ଗାଁ ମହୋତ୍ସବର ସମ୍ପାଦକ ଡ. ଶିଶିର କୁମାର ଆଚାର୍ଯ୍ୟ ସମାଜସେବୀ ସୁରେନ୍ଦ୍ର କୁମାର ସେଠୀ ଓ ସାଧୁ ଚରଣ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ପାରମ୍ପରିକ କଳାକୁ ପୁନରୁଦ୍ଧାର କରିବାକୁ ସୁଯୋଗ ଦେଇଥାଏ ବୋଲି ମତ ପ୍ରକାଶ କରିବା ସହ ବିଭିନ୍ନ ପ୍ରତିଭାଧାରୀଙ୍କୁ ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ପରିବେଷଣ ହୋଇଥିଲା।

# ଜୁଆ ଆଡ୍ଡାରେ ଚଢ଼ଉ,୨୦ ଗିରଫ

## ● ୧୦ ଲକ୍ଷ ଟଙ୍କା, ୩୬ ମୋବାଇଲ, ଥାର୍ ଜବତ

ଟାଙ୍ଗୀ,୧୬।୨(ସମିସ): ଟାଙ୍ଗୀ ଆଇଆଇସି ରବୀନ୍ଦ୍ର ଭୁଜବଳଙ୍କ ନିର୍ଦ୍ଦେଶରେ ଗଠିତ ଏକ ପୁଲିସ ଟିମ ଏହି ଥାନା ଅଧୀନସ୍ଥ କୁଞ୍ଜୁରୀ କାଜୁ ଜଙ୍ଗଲ ପାହାଡ ତଳି ଅଞ୍ଚଳରେ ଚଢ଼ଉ କରି ୧୦ଲକ୍ଷ ୩୮ ହଜାର ୫୦୦ ଟଙ୍କା, ଏକ ଦାମୀ ଥାର ଗାଡି, ୩୬ ଟି ମୋବାଇଲ, ୪ ଟି ମୋଟରସାଇକେଲ ଜବତ କରିବା ସହ ୨୦ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି। ରିପୋର୍ଟ ଲେଖା ହେବା ବେଳକୁ ରାତି ଏଗାରଟା ସୁଦ୍ଧା ପୁଲିସ ମକଦମା ପାଇଁ ରେକର୍ଡ ପ୍ରସ୍ତୁତି କରୁଥିବା ଆଇଆଇସି ଶ୍ରୀ ଭୁଜବଳ ସୂଚନା ଦେଇଛନ୍ତି। ପୁଲିସର ଏହି ଅତର୍କିତ ଚଢ଼ଉ ସମୟରେ କିଛି ବ୍ୟକ୍ତି ମଧ୍ୟ ଫେରାର ହୋଇଥିବା ସୂଚନା ମିଳୁଛି।

# ଜାଗର ଉତ୍ସବରେ ମେଧାବୀ ପୁରସ୍କୃତ



ନିରାକାରପୁର, ୧୬।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ବାରଘରପଟଣାସ୍ଥିତ ଗତିଶ୍ୱର ମନ୍ଦିରଠାରେ ୩୫ତମ ଜାଗର ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଗ୍ରାମର ବିଶିଷ୍ଟ ଶିକ୍ଷାବିତ ଦିବଂଗତ ହରେକୃଷ୍ଣ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୂର୍ବ ବର୍ଷ ଭଳି ବାରଘରପଟଣାସ୍ଥିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ପଞ୍ଚମ, ଷଷ୍ଠ ଓ ସପ୍ତମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ୪ଜଣ ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ନଗଦ ରାଶି, ମାନପତ୍ର ଏବଂ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟରେ ସ୍ୱଚ୍ଛ ଜଳର ସୁବନ୍ଦୋବସ୍ତ କରିବା ପାଇଁ ନଗଦ ଅର୍ଥ ରାଶି ମଧ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ହରେକୃଷ୍ଣ ନନ୍ଦଙ୍କ ତିନି ପୁତ୍ର ନରେନ୍ଦ୍ର କୁମାର ନନ୍ଦ, ଦେବେନ୍ଦ୍ର କୁମାର ନନ୍ଦ ଏବଂ ଜିତେନ୍ଦ୍ର କୁମାର ନନ୍ଦ ଯୋଗ ଦେଇଥିଲେ। ଦେବେନ୍ଦ୍ର କୁମାର ନନ୍ଦ ଗ୍ରାମବାସୀ, ଶିକ୍ଷକ ଓ କଳାକାରମାନଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ।

# ନିରାକାରପୁରରେ ମାଙ୍କଡ଼ ଉପଦ୍ରବ

ନିରାକାରପୁର, ୧୬।୨ (ସମିସ): ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନାଞ୍ଚଳ ଅନ୍ତର୍ଗତ ନିରାକାରପୁର ଅଞ୍ଚଳରେ ମାଙ୍କଡ ଉପଦ୍ରବ ବଢ଼ିବାରେ ଲାଗିଛି। ଲୋକେ ଯାତାୟାତ କରିବାକୁ ଡରି ଗଲେଣି। ଏତେ ସଂଖ୍ୟାରେ ମାଙ୍କଡ ହେଲେଣି ଯେ ରାସ୍ତାଘାଟର ନିର୍ଭୟରେ ବସି ରହୁଛନ୍ତି, ଘରେ ପଶି ଖାଦ୍ୟପଦାର୍ଥ ଖାଇ ଯାଉଛନ୍ତି। ଏହି ଅଞ୍ଚଳରେ ବହୁ ସଂଖ୍ୟାରେ ଲୋକ ମାନଙ୍କୁ ମାଙ୍କଡ କାମୁଡି କ୍ଷତାକ୍ତ କରି ଗୁରୁତର କରି ପକାଉଛନ୍ତି। ଗତକାଲି ସନ୍ଧ୍ୟାରେ ନିରାକାରପୁର ଗ୍ରାମର ମହେନ୍ଦ୍ର ମହାରଣାଙ୍କ ଝିଅ ସ୍ମୃତିରେଖା ମହାରଣା ଟିଉସନ କରି ଘରକୁ ଫେରୁ ଥିବାବେଳେ ଏକ ମାଙ୍କଡ଼ ଆସି ହଠାତ୍ ହାତକୁ କାମୁଡି ପକାଇ ଗୁରୁତର କରି ଦେଇଥିଲା। ତାକୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇ ଚିକିତ୍ସା କରାଯାଇ ଥିଲା। ଏବେ ଅଞ୍ଚଳ ରେ ମାଙ୍କଡ ଭୟ ଲାଗି ରହି ଥିବାବେଳେ ବନ ବିଭାଗ ପଦକ୍ଷେପ ନେଇ ମାଙ୍କଡ ମାନଙ୍କୁ ଧରି ଅନ୍ୟତ୍ର ଛାଡ଼ିବାକୁ ଦାବି ହେଉଛି।

# ଜୟଦୁର୍ଗା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବେଗୁନିଆ,୧୬।୨(ସମିସ): ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଳିମ ଗ୍ରାମରେ ୩୧ ତମ ବାର୍ଷିକ ଜୟ ଦୁର୍ଗା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଏଥିରେ ଶଙ୍ଖା ମାରୀ ବାପୁଜୀ କ୍ଲବ ଓ ଅରୁଗୁଳ ଗୋଲଡେନ୍ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳକୁ ସଭାପତି ଅଜୟ କୁମାର ମାର୍ଥାଙ୍କ ସଂଯୋଜନାରେ ବିଜେପି ଜିଲ୍ଲା ଉପସଭାପତି ରୁଦ୍ର ନାରାୟଣ ବାହିନୀପତି ମୁଖ୍ୟଅତିଥି, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର ମୁଖ୍ୟବକ୍ତା, ସମିତି ସଭ୍ୟ ନଳିନୀ ପ୍ରଭା ପଣ୍ଡା, ସମାଜସେବୀ ସୁଶାନ୍ତ କୁମାର ସାହୁ, ବରିଷ୍ଠ ଫୁଟବଲ୍ ଖେଳାଳୀ ଗୋପାଳ ଚନ୍ଦ୍ର ପାତ୍ର, ଗ୍ରାମ୍ୟ କମିଟି କୋଷାଧ୍ୟକ୍ଷ ବାଉରୀ ବନ୍ଧୁ ପାଇକରାୟ ପୂର୍ବତନ ସମ୍ପାଦକ ମହେନ୍ଦ୍ର ମାର୍ଥା ଓ ସନ୍ତୋଷ କୁମାର ବଳିୟାର ସିଂହ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦଘାଟନ କରିଥିଲେ। ଖେଳର ଶେଷ ପର୍ଯ୍ୟନ୍ତ ନିର୍ଣ୍ଣାୟକ ସ୍ଥିତିରେ ପହଁଚି ପାରି ନ ଥିବାରୁ ଟ୍ରାଇ ବେକରରେ ଅରୁଗୁଳ ୫-୧ ଗୋଲରେ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି।

# ବାଦଲ ସ୍ମାରକୀ କ୍ରିକେଟ; କାଶିପୁର ଚାମ୍ପିଅନ



ନିରାକାରପୁର,୧୬।୨ (ସମିସ): ସ୍ଥାନୀୟ ବିରତୋଇ ଖେଳ ପଡିଆରେ ମହାବୀର ୟୁଥ୍ କ୍ଲବ୍ ବିରତୋଇ ଦ୍ୱାରା ଆୟୋଜିତ ବାଦଲ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଫାଇନାଲ ମ୍ୟାଚ୍‌ରେ କାଶିପୁର କ୍ରିକେଟ କ୍ଲବ୍ ଚାମ୍ପିଅନ ହୋଇଛି। ଫାଇନାଲ ଖେଳ କାଶିପୁର ସହିତ ଚମ୍ପାଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଚମ୍ପାଗଡ ୧୨ ଓଭରରେ ୯ ଉଇକେଟ ବିନିମୟରେ ୮୦ ରନ କରିଥିବାବେଳେ ୮୧ରନ ଟାର୍ଗେଟକୁ କାଶିପୁର ବ୍ଲକ ୪ ଉଇକେଟ୍‌ରେ ୧୦.୨ ଓଭରରେ ହାସଲ କରି ଚାମ୍ପିଅନ ହୋଇଥିଲା। ଆଜିର ମ୍ୟାଚ ପରିଚାଳକ କରିଥିଲେ ସୁଶାନ୍ତ ବାରିକ, ରାଜେଶ ସାହୁ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ସମ୍ମାନୀତ ଅତିଥି ଭାବରେ ଗଡଖାରଦ ସରପଞ୍ଚ ମହେଶ୍ୱର ସେଠୀ, ପୂର୍ବତନ ସରପଞ୍ଚ ପବନି ସାହୁ, ପୂର୍ବତନ ସମିତି ସଭ୍ୟ କାଳୁ ଚରଣ ପ୍ରଧାନ, ଦେଇପୁର ପୂର୍ବତନ ସରପଞ୍ଚ ମାଧବ ବଳବନ୍ତରାୟ, ସମିତି ସଭ୍ୟ ମନୋରଞ୍ଜନ ପାଇକରାୟ, ସୁକାନ୍ତ କୁମାର ବେହେରାଙ୍କ ସମେତ ନିରାକାରପୁର ଓ ଭୂଷଣ୍ଡପୁର ଅଞ୍ଚଳ ର କିଛି ଭଦ୍ରବ୍ୟକ୍ତି ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପ ବିଜେତା ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଧୀର ଦଳେଇ, ଶ୍ରୀକାନ୍ତ ବେହେରା, ଦିଲଖୁସ ପ୍ରଧାନ, ମନଖୁସ ପ୍ରଧାନ, ଶିବାନନ୍ଦ ପାଇକରାୟ, କାହ୍ନୁଚରଣ ପ୍ରଧାନ, ଶୁଭମ ପ୍ରଧାନ, ଦିପକ ବାରିକ, ନାନୁ ପାତ୍ର, ଗଣେଶ ବେହେରା ଓ ଜୀବନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମା' ତାରିଣୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ; ଠଣାପଲ୍ଲୀ ଚାମ୍ପିଅନ

ବେଗୁନିଆ,୧୬।୨(ସମିସ): ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମରେ ମା' ତାରିଣୀ ଫୁଟବଲ୍ କ୍ଲବ ପକ୍ଷରୁ ଆୟୋଜିତ ହୋଇଥିବା ତୃତୀୟ ବାର୍ଷିକ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ସୋମବାର ଅପରାହ୍ନରେ ଠଣାପଲ୍ଲୀ ୭.୨ କ୍ଲବ ଓ ଗୁପ୍ତାପଡ଼ା ମା' ତାରିଣୀ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଖେଳଟି ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ଖେଳର ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଶେଷରେ ପେନାଲଟି ସହାୟତା ନେଇ ୨-୦ ଗୋଲରେ ଠଣାପଲ୍ଲି ଦଳ ଚମ୍ପିୟାନ ଭାବେ ଘୋଷିତ ହୋଇଥିଲା। ରେଫରୀ ସୁଶାନ୍ତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରସନ୍ନ କୁମାର ନାୟକ ଓ ପ୍ରକାଶ କୁମାର ପରିଡ଼ା ଲାଇନ ମ୍ୟାନ ରହି ସହଯୋଗ କରିଥିଲେ। ପୁରସ୍କାର ବିତରଣ ସଭାରେ ସମାଜସେବୀ ଲକ୍ଷ୍ମୀପ୍ରିୟା ପଣ୍ଡା ମୁଖ୍ୟଅତିଥି, ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ମୁଖ୍ୟବକ୍ତା ଓ ଶିକ୍ଷକ ଚିନ୍ତାମଣି ପରିଡ଼ା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଜେତା ଉପବିଜେତା ଦଳକୁ ୫ ହଜାର ଟଙ୍କା ଓ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।



